Title Code - ODIODI07788

# ଓଡ଼ିଶା ପଞ୍ଚାୟତ ସମାଚାର

ସାପ୍ତାହିକ ପତ୍ରିକା
ପଞ୍ଚାୟତିରାଜ ଓ
ପାନୀୟଜଳ ବିଭାଗ,
ଓଡ଼ିଶା ସରକାର

Vol - 1 | Issue - 17 | 30 May- 5 June, 2017 | Bhubaneswar
ଭାଗ - ୧ । ସଂଖ୍ୟା - ୧୭ । ୩୦ମେ - ୫ଜୁନ୍, ୨୦୧୭ । ଭୁବନେଶ୍ୱର
ବୃଷ ୧୬-୨୨, ୧୪୨୪ ସାଲ, ଜ୍ୟେଷ୍ଠ ୮-୧୪ ଦିନ, ୧୯୩୮ ଶକାବ୍ଦ

Website: www.odishapanchayat.gov.in
E-mail: odishapanchayatsamachar@gmail.com
(କେବଳ ଘରୋଇ ପ୍ରସାରଣ ପାଇଁ) ୧୬ ପୃଷ୍ଠା



ସାମର୍ଥ୍ୟ ଶାରୀରିକ ଦକ୍ଷତାରୁ ନୁହେଁ, ଦୃଢ଼ ଇଚ୍ଛାଶକ୍ତିରୁ ହିଁ ସୃଷ୍ଟି ହୋଇଥାଏ ।

-ମହାତ୍ମା ଗାନ୍ଧି

## ପ୍ରାକ୍ ମୌସୁମୀ ସୂଚନା

ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ରାଜ୍ୟରେ ପ୍ରାକ୍ ମୌସୁମୀ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିଛି । ଖରିଫ୍ ଚାଷ ପାଇଁ ଏହି ବର୍ଷା ସହାୟକ ହେବ ।

ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀ ଏବଂ ଆବାସ କର୍ମଶାଳା ସମ୍ପର୍କିତ ଭିଡିଓ ପାଇଁ ଏହି QR Code ସ୍କାନ୍ କରନ୍ତୁ

ଗ୍ରାମୀଣ ବିକାଶର ଦୃଶ୍ୟପଟ୍ଟ

# ରୋଜଗାର, ପକ୍କାଘର ଓ ପିଇବା ପାଣି

### ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସଫଳତା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ପ୍ରଦୀପ ମହାରଥୀଙ୍କ ତଥ୍ୟ ଉପସ୍ଥାପନ

ଗ୍ରାମୀଣ ଗରିବ ଯୁବକ ଯୁବତୀଙ୍କୁ ତାଲିମ ଓ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ଗତ କାର୍ଯ୍ୟକାରୀ ହେଉଥିବା ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (DDU-GKY)ରେ ଓଡ଼ିଶା ଗତ ୩ବର୍ଷ ଧରି ସାରା ଭାରତରେ ପ୍ରଥମ ସ୍ଥାନ ହାସଲ କରିଆସୁଛି । ରାଜ୍ୟର ୫୬,୭୩୩ ଜଣ ଯୁବକ ଯୁବତୀଙ୍କୁ ତାଲିମ ପରେ ସେମାନଙ୍କ ମଧ୍ୟରୁ ୪୨,୭୮୧ ଜଣଙ୍କୁ ସଂଗଠିତ ସଂସ୍ଥାରେ ଚାକିରି ଦିଆଯାଇଛି ।

ସାରା ଭାରତରେ DDU-GKY ପାଇଁ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରାଳୟର ସମୁଦାୟ ଲକ୍ଷ୍ୟର ୨୦ ପ୍ରତିଶତ କେବଳ ଓଡ଼ିଶା ହାସଲ କରିଛି ବୋଲି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ଶ୍ରୀ ପ୍ରଦୀପ ମହାରଥୀ କହିଛନ୍ତି । ବିଭାଗର ସଫଳତା ସମ୍ପର୍କରେ ସୂଚନା ଦେଇ ଶ୍ରୀ ମହାରଥୀ ଗ୍ରାମ୍ୟ ଗୃହ ଯୋଗାଣ କ୍ଷେତ୍ରରେ ୨୦୧୪-୧୫ ଆର୍ଥିକ ବର୍ଷଠାରୁ ଅଦ୍ୟାବଧି ୧୧ ଲକ୍ଷ ୫୨ ହଜାର ପରିବାରଙ୍କ ଘରକୁ ପକ୍କାଘରରେ ପରିଣତ କରାଯାଇଛି ବୋଲି କହିଛନ୍ତି । ଏ ବାବଦରେ ୬୬୯୫ କୋଟି ୮୧ ଲକ୍ଷ ଟଙ୍କା ବ୍ୟୟ ହୋଇଛି । ଯୋଗ୍ୟ ବିବେଚିତ ୨୨ ଲକ୍ଷ ୫୪ ହଜାର ପରିବାରଙ୍କ ମଧ୍ୟରୁ ଗୋଟିଏ କିମ୍ବା କମ୍ କୋଠରୀ ଥାଇ କଚ୍ଚା ଘରେ ରହୁଥିବା ୯ ଲକ୍ଷ ୫୦ ହଜାର ପରିବାରଙ୍କୁ ୨୦୧୯ ସୁଦ୍ଧା ପକ୍କାଘର ଯୋଗାଇ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି ।



ସାମ୍ବାଦିକ ସମ୍ମିଳନୀରେ ପଞ୍ଚାୟତିରାଜ ପାନୀୟଜଳ ବିଭାଗ ମନ୍ତ୍ରୀ ଓ ଶାସନ ସଚିବ

ପୃଷ୍ଠା ୪ ଦେଖନ୍ତୁ

ଗ୍ରାମୀଣ ଦରିଦ୍ରଙ୍କୁ ପକ୍କାଘର

# ଓଡ଼ିଶାର ଅବଦାନ ପ୍ରଶଂସନୀୟ




ଭୁବନେଶ୍ୱରରେ ଅନୁଷ୍ଠିତ ପୂର୍ବାଞ୍ଚଳ ରାଜ୍ୟ ଅଧିକାରୀଙ୍କ କର୍ମଶାଳା

ଓଡ଼ିଶାରେ ୨୦୧୯ ସୁଦ୍ଧା ଗ୍ରାମୀଣ ଦରିଦ୍ରଙ୍କୁ ପକ୍କାଘର ଯୋଗାଇ ଦେବାରେ ଧାର୍ଯ୍ୟ ଲକ୍ଷ୍ୟକୁ ସଫଳ କରିବାରେ ରାଜ୍ୟ ସରକାରଙ୍କ ଉଲ୍ଲେଖନୀୟ ଭୂମିକାର ପ୍ରଶଂସା କରିଛନ୍ତି କେନ୍ଦ୍ର ଗ୍ରାମ୍ୟ ଗୃହ ନିର୍ମାଣ ବିଭାଗ ଯୁଗ୍ମ ସଚିବ ଶ୍ରୀ ପ୍ରଶାନ୍ତ କୁମାର । ୨୦୨୨ ସୁଦ୍ଧା ଦେଶର ସମସ୍ତ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇବା ସକାଶେ ସଂକଳ୍ପରେ ଓଡ଼ିଶାର ଏକ ବଡ଼ ଅବଦାନ ରହିଛି ବୋଲି ସେ କହିଛନ୍ତି । ଯୋଗ୍ୟ ହିତାଧିକାରୀ ଚୟନ କରାଯାଇ ପକ୍କାଘର ଯୋଗାଇବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସଚିବ ଶ୍ରୀ ଦେଓରଞ୍ଜନ କୁମାର ସିଂହ କହିଛନ୍ତି ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଗ୍ରାମାଞ୍ଚଳର ଗରିବ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇ ଦିଆଯାଉଛି । ପୂର୍ବାଞ୍ଚଳ ରାଜ୍ୟରେ ଚାଲିଥିବା ଏହି କାର୍ଯ୍ୟକ୍ରମର ସମୀକ୍ଷା ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଓଡ଼ିଶାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସଚିବ ଶ୍ରୀ ଦେଓରଞ୍ଜନ କୁମାର ସିଂହ, ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଏସ୍ ଏନ୍ ଗିରୀଶ ଓ କେନ୍ଦ୍ର ଗ୍ରାମ୍ୟ ଗୃହ ନିର୍ମାଣ ବିଭାଗ ନିର୍ଦ୍ଦେଶକ ଶ୍ରୀ ବି.ସି ବେହେରା ପ୍ରମୁଖ ଯୋଗଦେଇଥିଲେ । ଓଡ଼ିଶା, ପଶ୍ଚିମବଙ୍ଗ, ସିକିମ, ଝାଡ଼ଖଣ୍ଡ ଓ ଛତିଶଗଡ଼ ରାଜ୍ୟର ଗ୍ରାମୀଣ ଆବାସ ଯୋଜନାର ଅଧିକାରୀମାନେ ଏ କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଦୂର ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ ।

# ଗ୍ରାମୀଣ ଜୀବନ ଓ ଭାଇଚାରା ସମ୍ପର୍କ

ପଲ୍ଲୀସଭା ଓ ଗ୍ରାମସଭା ମାଧ୍ୟମରେ ଗ୍ରାମୀଣ ଓ ଆଞ୍ଚଳିକ ବିକାଶ ଖସଡା ପ୍ରସ୍ତୁତି ଗ୍ରାମୀଣ ଭିତ୍ତିଭୂମି ଓ ଜୀବନ ଜୀବିକାର ବିକାଶ ପାଇଁ ଗ୍ରାମ୍ୟ ଜୀବନକୁ ଐକ୍ୟବଦ୍ଧ କରାଇପାରିଛି । ଏହା ଆମ ଗାଁ ଆମେ ଗଢିବା ମାନସିକତା ସୃଷ୍ଟିରେ ସହାୟକ ହୋଇଛି । ଲୋକେ ବ୍ୟବସ୍ଥାକୁ ଅପେକ୍ଷା ନକରି ବିଭିନ୍ନ ସମସ୍ୟାର ସମାଧାନ କରିପାରୁଛନ୍ତି ନିଜ ଶୈଳୀରେ । ସେମାନେ ଜାଣନ୍ତି ଯେ, ଜନକଲ୍ୟାଣକାରୀ କାର୍ଯ୍ୟ ପରିଚାଳନାରେ ଅର୍ଥ ଆଉ ବାଧକ ହୋଇ ରହିନାହିଁ । ପରିବର୍ତ୍ତିତ ବ୍ୟବସ୍ଥାରେ ଗ୍ରାମସ୍ୱରାଜ ଆଦର୍ଶ ପ୍ରୟୋଗ ସକାଶେ ଅନୁକୂଳ ପରିବେଶ ଓ ପରିସ୍ଥିତି ସୃଷ୍ଟି ହୋଇଛି । କେବଳ ମନ ମିଳାଇ ସହଭାଗିତାର ହାତ ବଢାଇଲେ ସବୁ କାମ ତ୍ୱରିତ ବେଗରେ ପରିଚାଳିତ ହୋଇପାରିବ । ତୃଣମୂଳସ୍ତରରେ ଗଣତାନ୍ତ୍ରିକ ବ୍ୟବସ୍ଥା କ୍ରମେ ସୁଦୃଢ ହେଉଛି । ସୁଖର କଥା ଯେ, ଆମ ରାଜ୍ୟର କିଛି ଅଞ୍ଚଳରେ କାନ୍ଧକୁ କାନ୍ଧ ଓ ହାତକୁ ହାତ ମିଳାଇ ଗ୍ରାମବାସୀ ବିକାଶର ପରିସରକୁ ସମ୍ପ୍ରସାରଣ କରିଛନ୍ତି । ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧି ନିଜର ଦାୟିତ୍ୱ ଓ କ୍ଷମତା ସମ୍ପର୍କରେ ସଚେତନ ହୋଇପାରିଲେ ସେମାନଙ୍କର ସାମର୍ଥ୍ୟ ଓ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ । ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ତାଲିମ ତଥା ପ୍ରଶିକ୍ଷଣର ଏ ଦିଗରେ ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ନିକଟରେ ଆମେ ଝାରସୁଗୁଡା ଓ ଅନୁଗୋଳ ଜିଲ୍ଲାର ଯଥାକ୍ରମେ ଡୁମେରଢିପା ଓ ତୁମୁଣି ଗାଁକୁ ଅନୁଧ୍ୟାନ ଓ ଅନୁଶୀଳନ କରିବାକୁ ଯାଇଥିଲୁ । ସମୟ ବଦଳିଛି, ଏବେ ଆମେ ପଛୁଆ ଗାଁ କହି କୌଣସି ଅଞ୍ଚଳକୁ ହେୟ ମନେକରିପାରିବା ନାହିଁ । ଗାଁ ଗାଁ ମଧ୍ୟରେ ସଂଯୋଗୀକରଣ ରାସ୍ତା ନିର୍ମାଣ ଏବଂ ପାନୀୟଜଳ ଓ ବିଦ୍ୟୁତ ଯୋଗାଣ ସମ୍ଭବପର ହୋଇଥିବାରୁ ଗ୍ରାମୀଣ ଜୀବନ ପ୍ରତି ଆକର୍ଷଣ ବଢିଛି । ପ୍ରାକୃତିକ ପରିବେଶ ଓ ସବୁଜିମାର ଓଢଣା ତଳୁ ଗାଁକୁ ଦେଖିଲେ ଆଉ ସହରକୁ ଫେରିବାକୁ ଇଛା ହେବ ନାହିଁ ।

ଅନୁଗୋଳ ଜିଲ୍ଲାର ମାମଲାମୁକ୍ତ ଗାଁ ତୁମୁଣିରେ ଭାଇଚାରା ଆଦର୍ଶରେ ଅନୁପ୍ରାଣିତ ହୋଇ ଗ୍ରାମବାସୀମାନେ ସବୁ ଭଲମନ୍ଦ ଘଟଣାର ସମାଧାନ କରିଥାନ୍ତି ଆପୋଷ ଆଲୋଚନା ମାଧ୍ୟମରେ । ସେମାନଙ୍କୁ ଥାନା କିମ୍ବା ସ୍ଥାନୀୟ ପ୍ରଶାସନର ଦ୍ୱାରସ୍ଥ ହେବାକୁ ପଡେନି । ବଡ କଥା ହେଲା ଅନୁଶାସନର ଶୃଙ୍ଖଳା ସେମାନେ ପ୍ରସ୍ତୁତ କରିଛନ୍ତି ନିଜ ପାଇଁ । ଏହାର ଅନୁପାଳନ ସକାଶେ କୌଣସି ବାଧ୍ୟବାଧକତା ନାହିଁ । କାରଣ ସବୁବର୍ଗର ଲୋକଙ୍କୁ ନେଇ ପ୍ରସ୍ତୁତ ନିୟମ ପ୍ରଥା ଓ ପରମ୍ପରା ଉପରେ ଆଧାରିତ ହୋଇଥିବାରୁ ସେଥିପ୍ରତି ନିଷ୍ଠାପର ସହଯୋଗ ରହିଛି । ନିଜ ଉଦ୍ୟମରେ ନିର୍ମିତ କୋଠଘର ନ୍ୟାୟ ଓ ନିଶାପର କେନ୍ଦ୍ରସ୍ଥଳ ହୋଇଥିବାବେଳେ ବିବାହ ବ୍ରତ ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ସାମୂହିକ କାର୍ଯ୍ୟ ସେଠାରେ ଅନୁଷ୍ଠିତ ହୋଇଥାଏ । ସେହିଭଳି ଝାରସୁଗୁଡା ଜିଲ୍ଲାର ଡୁମେରଢିପା ଗାଁ ଅନ୍ୟମାନଙ୍କଠାରୁ ନିଆରା । ହୀରାକୁଦ ନଦୀବନ୍ଧ ପ୍ରକଳ୍ପ ପାଇଁ ବିସ୍ଥାପିତ ବିଭିନ୍ନ ଗ୍ରାମର ବାସିନ୍ଦାଙ୍କୁ ନେଇ ଗଢିଉଠିଛି ଏହି ଗାଁ । ଏହାର ସ୍ୱାତନ୍ତ୍ର୍ୟ ହେଲା ଗ୍ରାମବାସୀ ବ୍ୟାଙ୍କ ଋଣ ଉପରେ ନିର୍ଭରଶୀଳ ନୁହଁନ୍ତି । ନିଜ ଉଦ୍ୟମରେ ସେମାନେ ଜମା କରିଥିବା ଗୋଷ୍ଠୀ ପାଣ୍ଠିରୁ ଋଣ ନେଇ ଆର୍ଥିକ ଅସୁବିଧାକୁ ଭରଣା କରିଥାନ୍ତି । ଘରେ ଘରେ ଶୌଚାଳୟ, ପାନୀୟଜଳ ଯୋଗାଣ, ବିଦ୍ୟାଳୟ ପ୍ରତିଷ୍ଠା ସବୁଥିରେ ଏହି ଗ୍ରାମବାସୀ ଆଗୁଆ ।

ଗାଁ ଗଢିବା ପାଇଁ ସୁବିଧା ଓ ସୁଯୋଗର ଅଭାବ ନାହିଁ । କେବଳ ଅଭାବ ଅଛି ମାନସିକତାରେ । ପଞ୍ଚାୟତିରାଜ ବ୍ୟବସ୍ଥାରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ତାଲିମ ଭଳି ସୁଯୋଗ ଆଉ ଅପହଞ୍ଚ ଦୂରତାରେ ନାହିଁ । ଭିତ୍ତିଭୂମି ବିକାଶ ଓ ପଞ୍ଚାୟତର ସ୍ଥାୟୀ ସମ୍ପଦ ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯାଉଛି । ନିର୍ବାଚିତ ଲୋକପ୍ରତିନିଧିଙ୍କ ନିଷ୍ଠା ଓ ଆନ୍ତରିକତା ଏବଂ ଗ୍ରାମବାସୀଙ୍କ ସହଭାଗିତାରେ ସମନ୍ୱୟ ରହିଲେ କେବଳ ଡୁମେରଢିପା ଏବଂ ତୁମୁଣି ନୁହେଁ, ସବୁ ଅଞ୍ଚଳରେ ଏହି ଭଳି ଆଦର୍ଶ ଗାଁ ଗଢି ଉଠିବ ।

# ଜନଜାତିଙ୍କ ସାମର୍ଥ୍ୟ ବୃଦ୍ଧି

- ସାଢ଼େ ପାଞ୍ଚଲକ୍ଷ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ୬୦୦୦ରୁ ଊର୍ଦ୍ଧ୍ୱ ହଷ୍ଟେଲ୍ ନିର୍ମାଣ
- 'ଅନ୍ୱେଷା' ଯୋଜନାରେ ୧୩୩୦୦ ଛାତ୍ରଛାତ୍ରୀଙ୍କୁ ଶ୍ରେଷ୍ଠ ବେସରକାରୀ ବିଦ୍ୟାଳୟରେ ଅଧ୍ୟୟନ ସୁଯୋଗ
- ୫ଶହ ବିଦ୍ୟାଳୟ ଓ ୪୮୯ ଗ୍ରାମକୁ ସୌରଶକ୍ତି ମାଧ୍ୟମରେ ଆଲୋକୀକରଣ

ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ନିମନ୍ତେ ରାଜ୍ୟରେ ୧୬୭୦ଟି ଆବାସିକ ବିଦ୍ୟାଳୟ କାର୍ଯ୍ୟ କରୁଛି । ପ୍ରାୟ ୫.୫ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ନିମନ୍ତେ ପ୍ରାୟ ୬୦୦୦ ରୁ ଅଧିକ ହଷ୍ଟେଲର ବ୍ୟବସ୍ଥା କରାଯାଇଛି । ୨୦୧୬-୧୭ ଆର୍ଥିକ ବର୍ଷରେ ପ୍ରାୟ ୧୫.୬୫ ଲକ୍ଷ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି ଏବଂ ମାଟ୍ରିକ ପରବର୍ତ୍ତୀ ଶିକ୍ଷା ପାଇଁ ୩.୮୦ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି । ଛାତ୍ର ପିଛା ବୃତ୍ତି ୬୨୦ରୁ ୭୫୦ ଟଙ୍କା ଓ ଛାତ୍ରୀ ପିଛା ୬୫୦ରୁ ୮୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ରାଜ୍ୟ ସରକାର ଆରମ୍ଭ କରିଥିବା ଅନ୍ୱେଷା ଯୋଜନାରେ ୧୩,୩୦୦ ଛାତ୍ରଛାତ୍ରୀ ୧୭ଟି ଜିଲ୍ଲା ଶ୍ରେଷ୍ଠ ବେସରକାରୀ ବିଦ୍ୟାଳୟ ଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଲାଭ କରିପାରିବେ । ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୁଡ଼ିକରେ ୩୦୩ଟି ହଷ୍ଟେଲ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି । ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କ ସର୍ବବିଧ ଉନ୍ନତି ପାଇଁ ୧୦୦ଟି ବହୁମୁଖୀ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଛି । ସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କ ଶିକ୍ଷାଲାଭ ନିମନ୍ତେ ୪୦ଟି ହଷ୍ଟେଲ ନିର୍ମାଣ ପାଇଁ ଅର୍ଥ ପ୍ରଦାନ କରାଯାଇଛି । ଭୁବନେଶ୍ୱର ଠାରେ ଏକ ହଜ୍ ଗୃହ ନିର୍ମାଣ ପାଇଁ ପୋଖରୀପୁଟ ଠାରେ ୪୫୦୦ ବର୍ଗଫୁଟ ଜମି ଚିହ୍ନଟ କରାଯାଇଛି । ଆଗାମୀ ୮ବର୍ଷ ମଧ୍ୟରେ ୭୯୫ କୋଟି ଟଙ୍କା ବ୍ୟୟରେ ଓଡ଼ିଶା ପିଜିଟିଭି ସଶକ୍ତିକରଣ ଓ ଜୀବିକା କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ଏହି କାର୍ଯ୍ୟକ୍ରମରେ ୩୨ହଜାର ଜନଜାତି ପରିବାର ସହ ପ୍ରାୟ ୧୪ ହଜାର ଅନୁସୂଚିତ ଜନଜାତି ଓ ୫୦୦୦ ଅନୁସୂଚିତ ଜାତି ପରିବାର ଉପକୃତ ହେବେ ।

ରାଜ୍ୟ ସରକାର ଏପର୍ଯ୍ୟନ୍ତ ୪ଲକ୍ଷ ୪ହଜାରରୁ ଅଧିକ ଜମି ସ୍ୱତ୍ୱାଧିକାର ସହ ୫.୯୮ ଲକ୍ଷ ଏକର ଜଙ୍ଗଲ ଜମି ଯୋଗାଇ ଦେଇଛନ୍ତି । ରାଜ୍ୟରେ ପ୍ରାୟ ୫୫୦ରୁ ଅଧିକ ଗୋଷ୍ଠୀ ଅଧିକାର ପ୍ରଦାନ କରାଯାଇଛି । ୫୦୦ ସ୍କୁଲ ଓ ୪୮୯ ଗ୍ରାମକୁ ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ୍‌କରଣ କରାଯିବାକୁ ଲକ୍ଷ୍ୟ ରହିଛି । ବିଭିନ୍ନ ଆବାସିକ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ଯୌନ ନିର୍ଯାତନା ସମ୍ପର୍କରେ ହେଉଥିବା ଅଭିଯୋଗ ସମ୍ପର୍କରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ଗତ ୩ ବର୍ଷରେ ବିଭିନ୍ନ ଅଭିଯୋଗର ତଦନ୍ତ କରାଯାଇ ୧୫ଜଣ ଶିକ୍ଷକଙ୍କୁ ବହିଷ୍କୃତ କରାଯାଇଛି । ତେବେ ବିଦ୍ୟାଳୟ ଗୁଡ଼ିକରେ ସ୍ଥିତିରେ ସୁଧାର ଆଣିବା, ଛାତ୍ରଛାତ୍ରୀଙ୍କୁ ନିରାପତ୍ତା ଯୋଗାଇବା ଦିଗରେ ସରକାର ପଦକ୍ଷେପ ନେଉଛନ୍ତି ଏବଂ ଏଥିପାଇଁ ପ୍ରାୟ ୨୦୦୦ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଇଛି ।

# ବଦଳିଛି ସ୍ୱାସ୍ଥ୍ୟସେବା ଚିତ୍ର

- ଓଡ଼ିଶାରେ ଶିଶୁ ମୃତ୍ୟୁହାର ଜାତୀୟ ହାରଠାରୁ କମ୍
- ମେଡିକାଲ କଲେଜ୍ ସିଟ୍ ସଂଖ୍ୟା ୪୫୦ରୁ ୮୫୦କୁ ବୃଦ୍ଧି
- ୧୫ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କର୍କଟ କେମୋ ୱାର୍ଡ଼ ପ୍ରତିଷ୍ଠା
- ନିରାମୟ ଯୋଜନାରେ ୪୦୦ ପ୍ରକାରର ଔଷଧ ପାଇଁ ୨୫୦ କୋଟି ଟଙ୍କାର ବଜେଟ୍



କାର୍ଯ୍ୟରତ ୧୦୮ ଆମ୍ବୁଲାନ୍ସ

ରାଜ୍ୟରେ ସ୍ୱାସ୍ଥ୍ୟସେବାର ଚିତ୍ର ବଦଳିଛି । ଶିଶୁ ଓ ମାତୃ ମୃତ୍ୟୁହାର କମିଛି । ଓଡ଼ିଶାରେ ଏବେ ଶିଶୁ ମୃତ୍ୟୁହାର ଜାତୀୟ ହାରଠୁ କମ୍ ରହିଛି । ଜାତୀୟ ସ୍ତରରେ ଏହା ପ୍ରତି ହଜାରେ ଜନ୍ମିତ ଶିଶୁରେ ମୃତ୍ୟୁ ସଂଖ୍ୟା ୪୧ ଥିବା ବେଳେ ଓଡ଼ିଶାରେ ଏହା ୪୦କୁ କମିଛି । ପ୍ରତିବର୍ଷ ୫୧ହଜାର ଶିଶୁଙ୍କ ଜୀବନ ରକ୍ଷା କରାଯାଇପାରୁଛି । ଆନୁଷ୍ଠାନିକ ପ୍ରସବ ହାର ୮୫ ପ୍ରତିଶତରେ ପହଞ୍ଚିଥିବା ବେଳେ ଟିକାକରଣ ହାର ୭୮.୫ ପ୍ରତିଶତରେ ପହଞ୍ଚିଛି । ଶିଶୁ ଓ ମାତୃ ମୃତ୍ୟୁ ପ୍ରବଣ ୧୫ଟି ଜିଲ୍ଲାରେ ମୃତ୍ୟୁ ହାର କମାଇବା ପାଇଁ ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ୨୧୧କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଗତ ୩ ବର୍ଷରେ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ବାଳକ ବାଳିକାଙ୍କୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ୍‌ମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ଗତ ୩ବର୍ଷରେ ମେଡିକାଲ୍ କଲେଜରେ ସିଟ୍ ସଂଖ୍ୟା ୪୫୦ରୁ ୮୫୦କୁ ବଢ଼ିଛି । ଚଳିତବର୍ଷ ଦୁଇଟି ନୂଆ ମେଡିକାଲ୍ କଲେଜ ଖୋଲିବାକୁ ଯାଉଛି । ପିଜି ସିଟ୍ ସଂଖ୍ୟା ପାଞ୍ଚବର୍ଷରେ ୧୧୮କୁ ବୃଦ୍ଧି କରାଯାଇଛି ।

ନିରାମୟ ଯୋଜନାରେ ୪୦୦ ପ୍ରକାର ଔଷଧ ଦିଆଯାଉଛି । ଏଥିପାଇଁ ଚଳିତବର୍ଷ ୨୫୦ କୋଟି ଟଙ୍କାର ବଜେଟ ହୋଇଛି । ରାଜ୍ୟରେ ୧କୋଟି ୩୩ ଲକ୍ଷ ରୋଗୀ ମାଗଣା ଔଷଧ ମାଧ୍ୟମରେ ଉପକୃତ ହୋଇଛନ୍ତି । ରକ୍ତଦାନ ସେବା ସୁଦୃଢୀକରଣ ପାଇଁ ୧୨୮.୮୭ କୋଟି ଟଙ୍କାର ବଜେଟ ହୋଇଛି ଏବଂ ସ୍ୱେଚ୍ଛାକୃତ ରକ୍ତଦାନ ସୁବିଧା ପାଇଁ ୯ଟି ରକ୍ତସଂଗ୍ରହ ଭ୍ରାମ୍ୟମାଣ ଯାନ ଓ ରକ୍ତର ବିଶେଷ ବ୍ୟବହାର ପାଇଁ ୧୧ଟି ରକ୍ତ ବିଭାଜନ କେନ୍ଦ୍ର ଖୁବଶୀଘ୍ର ପ୍ରତିଷ୍ଠା ହେବାକୁ ଯାଉଛି । ୩ ବର୍ଷରେ ୧୨.୬ ଲକ୍ଷ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ରୋଗୀ ଅନୁପାତରେ ଡାକ୍ତର ନଥିବା ସମସ୍ୟା ସୁଧାରିବା ପାଇଁ ଚଳିତବର୍ଷ ୮୭୩ ନୂଆ ଡାକ୍ତର ନିଯୁକ୍ତି ଦିଆଯିବ । ୧୭୫୧ଟି ଦୁର୍ଗମ ଅଞ୍ଚଳର ଡାକ୍ତରଖାନା ଲାଗି ପ୍ରୋତ୍ସାହନ ରାଶି ୪୦ ହଜାରରୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି ।

ମୋଟ ଡାକ୍ତରଙ୍କ ସଂଖ୍ୟା ୪୮୮୯ରୁ ୬୭୧୯କୁ ବୃଦ୍ଧି କରାଯାଇଛି । ଆଇପିଏଚ୍ ନିୟମ ଅନୁସାରେ ୧୮୩୦ ନୂତନ ଡାକ୍ତର ପଦ ସୃଷ୍ଟି ହୋଇଛି । ତିନି ବର୍ଷରେ ୧୫୧୭ ଡାକ୍ତର ନିଯୁକ୍ତି ଦିଆଯାଇଛି । କର୍କଟ ରୋଗ ପାଇଁ କେମୋଥେରାପି ସୁବିଧା ୧୫ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କରାଯିବା ସହିତ ୬ଶଯ୍ୟା ବିଶିଷ୍ଟ କର୍କଟ କେମୋ ୱାର୍ଡ ପ୍ରତିଷ୍ଠା ହୋଇଛି ।

ସ୍ୱାସ୍ଥ୍ୟ ଅନୁଷ୍ଠାନର ସୁଦୃଢ଼ୀକରଣ ପାଇଁ ବାର୍ଷିକ ୨୦ କୋଟି ଟଙ୍କା ଖର୍ଚ୍ଚରେ ଆଶୁ ପରାମର୍ଶ ପାଇଁ 'ଫାଷ୍ଟ ରେଫରାଲ ୟୁନିଟ'ରେ ବିଶେଷଜ୍ଞଙ୍କୁ ଆଂଶିକ ନିଯୁକ୍ତି, ରୋଗୀ ଡାକରା ବ୍ୟବସ୍ଥାର ପ୍ରବର୍ତ୍ତନ ଓ ଯନ୍ତ୍ରପାତି ବ୍ୟବସ୍ଥା କରାଯାଇଛି । ମେଡିକାଲ୍ କଲେଜ, କଟକ ଶିଶୁଭବନ, ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରରେ ହେଲ୍ପ ଡେସ୍କ ପ୍ରତିଷ୍ଠା ଯୋଜନା ହୋଇଛି । ଟେଲି ରେଡିଓଲୋଜି ସେବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯିବ । ସିଟି ସ୍କାନ ଓ ଏମ୍‌ଆର୍‌ଆଇ ୯ଟି ଜିଲ୍ଲାସ୍ତରୀୟ ହସ୍ପିଟାଲରେ ମିଳିବ ।

ରାଜ୍ୟରେ ରେଫରାଲ ପରିବହନ ସେବା ପାଇଁ ୧୦୮ ଆମ୍ବୁଲାନ୍ସ ସଂଖ୍ୟା ୫୧୨କୁ ବୃଦ୍ଧି କରାଯାଇଛି । କ୍ୟାପିଟାଲ ହସ୍ପିଟାଲ, କଟକ ବଡ଼ ମେଡିକାଲରେ ହସ୍ପିଟାଲ ମ୍ୟାନେଜମେଣ୍ଟ ଇନ୍‌ଫରମେସନ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ପ୍ରସ୍ତାବ ରହିଛି । ସେବିକା ଶିକ୍ଷା ନିମନ୍ତେ ସେବିକା ନିର୍ଦ୍ଦେଶାଳୟ ପ୍ରତିଷ୍ଠାରେ ଓଡ଼ିଶା ହେଉଛି ଦେଶର ପ୍ରଥମ ରାଜ୍ୟ । ଏଥିସହିତ ରାଜ୍ୟର ୨୬ଟି ସ୍ଥାନରେ ସରକାରୀ ଓ ଘରୋଇ ସହଭାଗିତାରେ ମାଗଣା ଡାଏଲିସିସ ଯୋଗାଇବାର ଯୋଜନା ରହିଛି । ଏହାଦ୍ୱାରା ଉଚ୍ଚ ରକ୍ତଚାପ, ମଧୁମେହ, ମୁଖଗହ୍ୱର କର୍କଟ ଇତ୍ୟାଦିର ସହଜ ଚିକିତ୍ସା ହୋଇପାରିବ ।



ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ସାନମସି ଗାଁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ରୋଜଗାର, ପକ୍କାଘର ଓ ପିଇବା ପାଣି

ଏହାବ୍ୟତୀତ ବାଦ୍ ପଡ଼ିଥିବା ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତି ପ୍ରକ୍ରିୟା ଜାରିରହିଛି । ଓଡ଼ିଶା ଜୀବିକା ମିଶନ ମାଧ୍ୟମରେ ରାଜ୍ୟର ୩୦ଟି ଜିଲ୍ଲାର ୧୫୦ଟି ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନାରେ ୧୮ଲକ୍ଷ ୪୭ହଜାର ପରିବାରକୁ ଅର୍ନ୍ତଭୁକ୍ତ କରାଯାଇଛି । ୧୫୮୭୨୫ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ୧୮୩୮ ଗ୍ରାମ ପଂଚାୟତ ସ୍ତରୀୟ ମହାସଂଘ ଗଠନ ସହ ୨.୬୪ଲକ୍ଷ ପରିବାରଙ୍କ ଜୀବନ ଜୀବିକାର ବିକାଶ ପାଇଁ ପଦକ୍ଷେପ ନିଆଯାଇଛି । ୧.୬୧ଲକ୍ଷ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ବ୍ୟାଙ୍କ ସଂଯୋଗୀକରଣ କରାଇ ୨୧୦୮କୋଟି ଟଙ୍କାର ଋଣ ସୁବିଧା ଦିଆଯାଇଥିବାବେଳେ ବ୍ୟାଙ୍କ ଋଣରେ ସୁଧର ପରିମାଣ ଏକ ପ୍ରତିଶତକୁ କମାଇ ଦିଆଯାଇଛି । ବ୍ୟବସାୟ ଓ ବିକ୍ରିବଟାରେ ଗ୍ରାମୀଣ ମହିଳାମାନଙ୍କୁ ସହାୟତା ଦିଆଯାଉଛି ।

ମହାତ୍ମାଗାନ୍ଧି ନରେଗାରେ ୫୨୬୬ କୋଟି ୫୮ ଲକ୍ଷ ଟଙ୍କା ବ୍ୟୟରେ ୨୨୦୦୫ କୋଟି ୮୪ ଲକ୍ଷ ମାନବ ଦିବସ ସୃଷ୍ଟି ହୋଇ ଗ୍ରାମାଞ୍ଚଳରେ ବହୁ ସଂଖ୍ୟାରେ ସମ୍ପଦ ସୃଷ୍ଟି ଯଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ଗ୍ରହଣ ଏକ ସଫଳତା ବୋଲି ପଂଚାୟତିରାଜ ମନ୍ତ୍ରୀ ସୂଚାଇଥିଲେ । ଏହି ଯୋଜନାରେ ୨୧୪୭ ଟି ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ, ୧୭୯୪୮ଟି ପାରମ୍ପରିକ ଜଳ ଉତ୍ସର ପୁନରୁଦ୍ଧାର ୩୬୪୧ଟି ଚେକ୍ ଡ୍ୟାମ୍ ନିର୍ମାଣ, ୩୦୩୬୩ଟି ପୋଖରୀ ଖନନ,୪୭୪ଟି ଖେଳ ପଡ଼ିଆର ଉନ୍ନତିକରଣ ସହ ବହୁ ଅଂଚଳରେ ରାସ୍ତାପାର୍ଶ୍ୱ ଏବଂ ଜମିରେ ବୃକ୍ଷରୋପଣ କରାଯାଇଛି । ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାଧ୍ୟମରେ ୧୫୦୮କୋଟି ୯୧ ଲକ୍ଷ ଟଙ୍କା ବ୍ୟୟରେ ୨୯୫୮କି.ମି ସିମେଣ୍ଟ କଂକ୍ରିଟ୍ ରୋଡ଼ ସମେତ ବିଦ୍ୟୁତ୍କରଣ, ଗ୍ରାମ୍ୟ ସଂଯୋଗୀକରଣ, ଜଳସେଚନ ଓ ପାନୀୟଜଳ ଯୋଗାଣ କ୍ଷେତ୍ରରେ ମୋଟ ୬୫୩୪୯ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ପିଇବାପାଣି , ପରିମଳ ଓ ରାସ୍ତାରେ ଆଲୋକ ବ୍ୟବସ୍ଥା ସହ ସମ୍ବଳ ସୃଷ୍ଟି ଉଦ୍ଦେଶ୍ୟରେ କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନ ଅନୁଦାନକୁ ସୂଚାରୁରୂପେ ବିନିଯୋଗ କରାଯାଉଛି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ କହିଥିଲେ । ୨୦୧୫-୧୬ ରୁ ୨୦୧୯-୨୦ ମଧ୍ୟରେ ଅର୍ଥକମିଶନ ମୋଟ ୧୬ହଜାର କୋଟି ଟଙ୍କାର ଅନୁଦାନ ରାଶି ଦେଇଛନ୍ତି । ପଞ୍ଚାୟତ ଗୁଡ଼ିକର ଆୟ ବୃଦ୍ଧି ପାଇଁ ୮୧୨ଟି କଲ୍ୟାଣ ମଣ୍ଡପ ଏବଂ ୧୭୬୭ଟି ବଜାର କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି । ଗ୍ରାମ୍ୟ ପାନୀୟଜଳ ଯୋଗାଣ କ୍ଷେତ୍ରରେ ୧୫୬୪୬୮ ବସତି ମଧ୍ୟରୁ ୧୩୦୫୨୨ ବସତିକୁ ସମ୍ପୂର୍ଣ୍ଣ ଭାବେ ଏବଂ ୨୫୪୯୬ ବସତିକୁ ଆଂଶିକ ଭାବେ ଅର୍ନ୍ତଭୁକ୍ତ କରାଯାଇଛି । ଏଥିମଧ୍ୟରୁ ୩୮୪୪୫ ବସତିରେ ପାଇପ ଦ୍ୱାରା ପିଇବା ପାଣି ସୁବିଧା ଯୋଗାଇ ଦିଆଯାଇଥିବା ବେଳେ ଅନ୍ୟାନ୍ୟ ଅଞ୍ଚଳରେ ନିରନ୍ତର ପାନୀୟଜଳ ଯୋଗାଣ ପାଇଁ ବିଦ୍ୟୁତ୍ ଯଥା ସୌରଶକ୍ତି ଚାଳିତ ବ୍ୟବସ୍ଥା ଗ୍ରହଣ କରାଯାଉଛି । ସାରା ରାଜ୍ୟରେ ୨୭ଲକ୍ଷ ପରିବାରଙ୍କ ଶୌଚାଳୟ ନିର୍ମାଣ କରାଯାଇଥିବା ବେଳେ ଏହି କାର୍ଯ୍ୟ ୪୨ ପ୍ରତିଶତକୁ ବଢ଼ିଛି ।

ଏହାବ୍ୟତୀତ ତ୍ରିସ୍ତରୀୟ ପଞ୍ଚାୟତ ଅନୁଷ୍ଠାନର ସଭ୍ୟ ସଭ୍ୟା ଏବଂ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପକ୍ଷରୁ ପ୍ରଶିକ୍ଷଣ ଦିଆଯାଉଛି । ସେହିପରି ବିଭିନ୍ନ ବିଷୟରେ ସୂଚନା ଓ ଜୀବନ ଜୀବିକା ସମ୍ପର୍କିତ ସଫଳ କାହାଣୀ ଓ ଗ୍ରାମାଞ୍ଚଳ ପାଇଁ ଉପଯୋଗୀ ତଥା ଶିକ୍ଷଣୀୟ ବିଷୟବସ୍ତୁକୁ ନେଇ ସାପ୍ତାହିକ ଓଡ଼ିଶା ପଞ୍ଚାୟତ ସମାଚାର ପ୍ରକାଶନ ସହ ସାଧାରଣରେ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଗଣମାଧ୍ୟମ କାର୍ଯ୍ୟକ୍ରମମାନ ଆୟୋଜନ ହେଉଥିବା କଥା ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ମହାରଥୀ ସୂଚନା ଦେଇଥିଲେ ।

# ସମ୍ପ୍ରସାରଣ ଅଧିକାରୀ ଓ ପ୍ରଗତି ସହାୟକଙ୍କ କର୍ମଶାଳା




ନବନିଯୁକ୍ତ ଅଧିକାରୀଙ୍କ କର୍ମଶାଳାରେ ବିଭାଗୀୟ ସଚିବ, ନିର୍ଦ୍ଦେଶକ ଓ ଅନ୍ୟ ଅଧିକାରୀମାନେ

ନବନିଯୁକ୍ତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଓ ପ୍ରଗତି ସହାୟକଙ୍କ ପାଇଁ ଚାରିଦିନିଆ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନଠାରେ ନିକଟରେ ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ୪୪ଜଣ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଓ ୬୦ଜଣ ପ୍ରଗତିସହାୟକ ଯୋଗଦେଇଥିଲେ । ସୂଚନାଯୋଗ୍ୟ ଯେ, ମେ ୨୦ ତାରିଖରେ ଆନୁଷ୍ଠାନିକ ଭାବେ ଆୟୋଜିତ ଏକ ଉତ୍ସବରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ହାତରୁ ନିଯୁକ୍ତି ପତ୍ର ପାଇଥିଲେ । ଏହି ନୂଆ ଅଧିକାରୀମାନେ କାର୍ଯ୍ୟରେ ଯୋଗଦେବା ପୂର୍ବରୁ ସେମାନଙ୍କ ଦାୟିତ୍ୱ ଓ ଭୂମିକା ସମ୍ପର୍କରେ ଅବଗତ କରାଇବା ସକାଶେ ଏହି ପ୍ରଶିକ୍ଷଣର ଆୟୋଜନ ହୋଇଥିଲା । ପଞ୍ଚାୟତ ଓ ବ୍ଲକ ପ୍ରଶାସନର କାର୍ଯ୍ୟଧାରା ସମ୍ପର୍କରେ ଏହି ପ୍ରଶିକ୍ଷଣ କାଳରେ ଧାରଣା ପାଇବା ଦ୍ୱାରା ନବନିଯୁକ୍ତ କର୍ମଚାରୀମାନେ ସୂଚାରୁ ରୂପେ ସେମାନଙ୍କର କାର୍ଯ୍ୟ ସମ୍ପାଦନ କରିପାରିବେ ବୋଲି ଆଶା କରାଯାଏ ।

ପ୍ରଶିକ୍ଷଣର ଉଦ୍‌ଯାପନ ଉତ୍ସବରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଶାସନ ସଚିବ ଶ୍ରୀ ଦେଓରଞ୍ଜନ କୁମାର ସିଂହ ନବନିଯୁକ୍ତ ଅଧିକାରୀମାନେ ନିଷ୍ଠାର ସହ କାର୍ଯ୍ୟ କରି ଗରିବଙ୍କ ଉନ୍ନତି କଲେ ଶାସନକୁ ଅଧିକ ଲୋକାଭିମୁଖୀ କରିବାକୁ ମାର୍ଗଦର୍ଶନ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ବ୍ୟବସ୍ଥା, ସରକାରୀ କର୍ମଚାରୀଙ୍କ ଆଚାର ସଂହିତା, ସୂଚନା ଅଧିକାର ଆଇନ, ମହାତ୍ମା ଗାନ୍ଧି ନରେଗା, ଗ୍ରାମ୍ୟ ଗୃହ ନିର୍ମାଣ, ଓଡ଼ିଶା ଜୀବିକା ମିଶନ ଓ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ଭଳି ବହୁ ଉପାଦେୟ ବିଷୟ ଉପରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ବରିଷ୍ଠ ଅଧିକାରୀ ଏବଂ ରାଜ୍ୟ ଗ୍ରାମ୍ୟଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ପ୍ରଶିକ୍ଷକମାନେ ଆଲୋକପାତ କରିଥିଲେ ।



ପ୍ରଶିକ୍ଷକଙ୍କ ସହ ନବନିଯୁକ୍ତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ



ପ୍ରଶିକ୍ଷକଙ୍କ ସହ ନବନିଯୁକ୍ତ ପ୍ରଗତି ସହାୟକ

# ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ପାଇଁ ଏମ୍ଓୟୁ

ରାଜ୍ୟରେ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ପାଇଁ ରାଜ୍ୟ ସରକାର ଏବଂ ଅକ୍ଷରା ଓ କୁସୁମ ଫାଉଣ୍ଡେସନ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଦୁଇ ଅନୁଷ୍ଠାନ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ପଢ଼ୁଥିବା ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବେ ।

ଛାତ୍ରଛାତ୍ରୀଙ୍କୁ ଅଧ୍ୟୟନରେ ମନୋନିବେଶ କରାଇବା ଓ ବିଦ୍ୟାଳୟରେ ଶୈକ୍ଷିକ ପରିବେଶ ସୃଷ୍ଟି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଉତ୍ସବରେ ପୌରୋହିତ୍ୟ କରି କହିଥିଲେ । ଆଗାମୀ ଦିନର ଶିକ୍ଷା କ୍ଷେତ୍ରରେ ଏହା ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ । ଏହି ବୈଠକରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ବଦ୍ରି ନାରାୟଣ ପାତ୍ର 'ଉଜ୍ଜ୍ୱଳା ଓ ଉତ୍କର୍ଷ' ଯୋଜନାର ସଫଳତା



ରାଜ୍ୟରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଅକ୍ଷରା ଓ କୁସୁମ ଫାଉଣ୍ଡସେନ୍ ସହ ବୁଝାମଣାପତ୍ର ସ୍ୱାକ୍ଷର

ସଂପର୍କରେ ସୂଚନା ଦେବା ସହ ଆଗାମୀ ଦିନରେ ଏହି ଦୁଇ ଫାଉଣ୍ଡେସେନ୍ କେବିକେ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ପ୍ରଦାନରେ ସହାୟକ ହେବ ବୋଲି କହିଥିଲେ । ଏଥିସହ ବିଭାଗୀୟ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା ବୁଝାମଣାପତ୍ରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ରାଜ୍ୟରେ ଅକ୍ଷରା ଫାଉଣ୍ଡସେନ୍ ବଲାଙ୍ଗିର ଓ ରାୟଗଡା ଜିଲ୍ଲାର ୪୨୦୦ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ପ୍ରଚଳିତ ଶିକ୍ଷା ପଦ୍ଧତି ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ସାହାଯ୍ୟ କରିବେ ବୋଲି କହିଥିଲେ । ଏହାବ୍ୟତୀତ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଗଣିତ ଜ୍ଞାନ ବଢ଼େଇବା ଲାଗି ଏକ କାର୍ଯ୍ୟ ଖସଡା ପ୍ରସ୍ତୁତ ହେବ । ସେହିପରି କୁସୁମ ଫାଉଣ୍ଡେସେନ୍ କେବିକେ ଅଞ୍ଚଳର ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଟ୍ରିକ୍ ପରୀକ୍ଷା ପ୍ରସ୍ତୁତି ପାଇଁ ସାହାଯ୍ୟ କରିବ । ଶିକ୍ଷାର ଗୁଣାତ୍ମକ ବିକାଶ ନିମନ୍ତେ ଏହା ସରକାରଙ୍କର ଏକ ବଳିଷ୍ଠ ପଦକ୍ଷେପ ।

# 'ଲିଟିଲ୍ ମିସ୍' ପଦ୍ମାଳୟାଙ୍କୁ ସହାୟତା



ପଦ୍ମାଳୟାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ମୁଖ୍ୟମନ୍ତ୍ରୀ

କଟକ ଷ୍ଟୁଆର୍ଟ ସ୍କୁଲ ଅଷ୍ଟମ ଶ୍ରେଣୀ ଛାତ୍ରୀ ପଦ୍ମାଳୟା ନନ୍ଦ କେରଳର କୋଜିକୋଡ଼ଠାରେ ଅନୁଷ୍ଠିତ ଜୁନିୟର ମଡେଲ୍ ଇଣ୍ଟରନ୍ୟାସନାଲ୍ କ୍ରାଉନ୍ ଲିଟଲ୍ ମିସ୍ ମୁକୁଟ ମଣ୍ଡିତ ହୋଇଛନ୍ତି । ସୁଶ୍ରୀ ପଦ୍ମାଳୟା ଚଳିତ ମାସ ୩୧ରୁ ଜୁନ୍ ୬ ତାରିଖ ପର୍ଯ୍ୟନ୍ତ ଆମେରିକାର ଜର୍ଜିଆଠାରେ ହେଉଥିବା ଲିଟିଲ୍ ମିସ୍ ୟୁନିଭର୍ସ ଟାଇଟେଲ୍ ଓ ଗ୍ରୀସ୍‌ରେ ଲିଟିଲ୍ ମିସ୍ ୱାର୍ଲ୍ଡ ଟାଇଟେଲ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିବେ । ସମଗ୍ର ଦେଶର ଉତ୍ତରପୂର୍ବ ତଥା ଉତ୍ତରାଂଚଳରୁ ମନୋନୀତ ବାର ବର୍ଷର ଓଡ଼ିଆ ଝିଅ ପଦ୍ମାଳୟାଙ୍କୁ ସଂସ୍କୃତି ବିଭାଗ ପକ୍ଷରୁ ୧ ଲକ୍ଷ ଟଙ୍କାର ପ୍ରୋତ୍ସାହନ ମୂଳକ ସହାୟତା ପ୍ରଦାନ କରିବା ପାଇଁ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଅନୁମୋଦନ କରିଛନ୍ତି । ସେ ଗତ ଏପ୍ରିଲ ମାସରେ ବେଷ୍ଟ ବଲ୍ ଗାଉନ୍ ପୁରସ୍କାର ସମେତ ବେଷ୍ଟ ପ୍ରି-ଟିନ୍ ଜେଏମ୍ଆଇ ଭାବରେ ବିଚାରକମଣ୍ଡଳୀ ତଥା ଦର୍ଶକମାନଙ୍କ ମନୋନୟନ କ୍ରମେ ବିଜୟିନୀ ହୋଇଥିଲେ । ସମ୍ବଲପୁରୀ ନୃତ୍ୟରେ ରୁଚି ରଖିଥିବା ପଦ୍ମାଳୟା ପରବର୍ତ୍ତୀ ସମୟରେ ବିଶ୍ୱସ୍ତରୀୟ ଖ୍ୟାତି ଆଣିଦେଇ ଓଡ଼ିଶାକୁ ଗୌରବାନ୍ୱିତ କରିବେ ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା ଆଶା ପ୍ରକଟ କରିଛନ୍ତି । ଏହା ପୂର୍ବରୁ ରାଜ୍ୟପାଳ ତଥା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମଧ୍ୟ ସେ ପ୍ରଶଂସିତ ହୋଇଛନ୍ତି ।

# ୧୦ ହଜାର ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ

ଅନୁଗୋଳ, ଝାରସୁଗୁଡ଼ା, ସମ୍ବଲପୁର ଏବଂ ସୁନ୍ଦରଗଡ ଆଦି ୪ଟି ଜିଲ୍ଲାର ୧୦ ହଜାର ଦିବ୍ୟାଙ୍ଗଙ୍କୁ ସହାୟତା କରିବା ପାଇଁ ନିଷ୍ପତ୍ତି ନେଇଛି ମହାନଦୀ କୋଲ୍ ଫିଲଡ୍ ଲିମିଟେଡ(ଏମସିଏଲ) । ଭିନ୍ନକ୍ଷମଙ୍କ ସଶକ୍ତିକରଣ ସକାଶେ ଏମସିଏଲ୍ ଓ ଆଲିମ୍‌କୋ (ଆର୍ଟିଫିସିଆଲ ଲିମ୍ବ ମାନୁଫ୍ୟାକ୍ଚରିଂ କର୍ପୋରେସନ ଅଫ୍ ଇଣ୍ଡିଆ) ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଭୁବନେଶ୍ୱର କେନ୍ଦ୍ର ଦାୟିତ୍ୱରେ ଥିବା ଆଲିମ୍‌କୋ ଡିଜିଏମ୍ ଆର.କେ. ମାଥୁର ଏବଂ ଏମସିଏଲ୍ ସାଧାରଣ ପରିଚାଳକ (ସିଏସ୍ଆର) ଏ.କେ. ପାଣ୍ଡେ ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ । ଚୁକ୍ତି ଅନୁଯାୟୀ ଏମ୍‌ସିଏଲ୍ ଭିନ୍ନକ୍ଷମଙ୍କୁ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଜରିଆରେ ୫ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବ । ଉକ୍ତ ଅର୍ଥରେ ଆଲିମ୍‌କୋ ଶାରୀରିକ ଭିନ୍ନକ୍ଷମଙ୍କୁ ସହାୟତା ଉପକରଣ ଯୋଗାଇଦେବା ପାଇଁ ସମ୍ମତି ପ୍ରଦାନ କରିଛି । ଏହି ଅବସରରେ ଏମସିଏଲ୍ ଭୁବନେଶ୍ୱର କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ବି.ବି ମିଶ୍ର କାନପୁରସ୍ଥିତ ଆଲିମ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡି.ଆର.ଶରିନ୍‌ଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

# ସବୁଜଗୃହରେ ସିମଳା ଲଙ୍କା

**ସବୁଜ ଗୃହରେ ନିରାପଦ ଚାଷର ସୁଯୋଗପ୍ରତି ଚାଷୀଙ୍କ ଆକର୍ଷଣ ବଢ଼ିବା ସୁଖର କଥା । ବିଶେଷ କରି ଫୁଲ ଓ ପନିପରିବା ଚାଷ କ୍ଷେତ୍ରରେ ଏହି ବ୍ୟବସ୍ଥା ବିଭିନ୍ନ ସ୍ଥାନରେ ଲୋକପ୍ରିୟତା ଅର୍ଜନ କରିଛି । ଢ଼େଙ୍କାନାଳ ଜିଲ୍ଲାର ଭାପୁର ବ୍ଲକରେ ହୋଇଥିବା ସିମଳା ଲଙ୍କା ଚାଷକୁ ଉଦାହରଣ ରୂପେ ଗ୍ରହଣ କରାଯାଇପାରେ ।**



ନିଜ ସବୁଜ ଗୃହରେ ଚନ୍ଦ୍ରିକା କୁମାରୀ

ପାରମ୍ପରିକ ଭାବେ ଋତୁ ଓ ପାଣିପାଗକୁ ଦେଖି ଖୋଲା ଜମିରେ ଉଦ୍ୟାନକୃଷି କରିବା ଅପେକ୍ଷା ସବୁଜ ଗୃହରେ ସୁରକ୍ଷିତ ଚାଷ କଲେ ଫୁଲ ଓ ପନିପରିବା କ୍ଷତିଗ୍ରସ୍ତ ହେବାର ଆଶଙ୍କା ଊଣା । ଏହି ସୁରକ୍ଷିତ ଚାଷରୁ ଆୟ ମଧ୍ୟ ଯଥେଷ୍ଟ ଅଧିକ ହୋଇପାରୁଛି । ଏଥିଲାଗି ସରକାରୀ ସହାୟତା ଓ ପ୍ରୋତ୍ସାହନ ମଧ୍ୟ ଚାଷୀମାନେ ପାଇପାରୁଛନ୍ତି। ଢେଙ୍କାନାଳ ସଦର ବ୍ଲକ୍ ଭାପୁର ନିକଟସ୍ଥ ଭାଲିଆବୋଲକାଟେଣି ଗାଁର ଚନ୍ଦ୍ରିକା କୁମାରୀ ସିଂହଦେଓ ସୁରକ୍ଷିତ ଫସଲ ଅମଳକୁ ଦୃଷ୍ଟିରେ ରଖି ସବୁଜଗୃହରେ ଚାଷ କରିବାକୁ ମନ ବଳାଇଲେ । ଉଦ୍ୟାନ କୃଷି ବିଭାଗର ପରାମର୍ଶକ୍ରମେ ସେ ଏବେ ସବୁଜଗୃହରେ ସିମଳା ଲଙ୍କା ବା କାପ୍ସିକମ୍ ଚାଷ କରୁଛନ୍ତି । ବାଣିଜ୍ୟରେ ସ୍ନାତକ କରିଥିବା ଚନ୍ଦ୍ରିକାଙ୍କୁ ଏଦିଗରେ ସ୍ୱାମୀ ହର୍ଷବର୍ଦ୍ଧନ ସିଂହଦେଓ ମଧ୍ୟ ସହଯୋଗ କରୁଛନ୍ତି।



ଚନ୍ଦ୍ରିକାଙ୍କ ଏହି ସବୁଜ ଗୃହ ପ୍ରକଳ୍ପର ଅଟକଳ ଖର୍ଚ୍ଚ ୨୦ଲକ୍ଷ ୬୬ ହଜାର ୧୧୨ଟଙ୍କା ହୋଇଥିଲାବେଳେ ସେ ସରକାରୀ ରିହାତି ବାବଦରେ ୧୪ଲକ୍ଷ ୪୬ହଜାର ୨୭୮ଟଙ୍କା ପାଇଛନ୍ତି । କେବଳ ସବୁଜ ଗୃହ ନୁହେଁ, ସିମଳା ଲଙ୍କା ଚାଷ ବାବଦରେ ସେ ୧ଲକ୍ଷ ୮୬ହଜାର ୩୬୮ଟଙ୍କାର ସରକାରୀ ରିହାତି ପାଇଛନ୍ତି । ଚାଷ ପରିଚାଳନା ପାଇଁ ମୋଟ ୨ଲକ୍ଷ ଟଙ୍କା ଖର୍ଚ୍ଚ କରି ସେ ୪ଲକ୍ଷ ଟଙ୍କା ଆୟ କରିଛନ୍ତି । ଅମଳ ହୋଇଥିବା ସିମଳା ଲଙ୍କାକୁ ମଧ୍ୟସ୍ଥ ବା ଦଲାଲଙ୍କ ଜରିଆରେ ବିକ୍ରିନକରି ସେ ନିଜେ ସିଧାସଳଖ ଢେଙ୍କାନାଳ ବଜାରରେ ବିକ୍ରି କରିଥିଲେ । ଫଳରେ ଅପେକ୍ଷାକୃତ ଅଧିକ ଆୟ ତାଙ୍କର ହୋଇଥିଲା । ୨ଲକ୍ଷ ଟଙ୍କା ବିନିଯୋଗ କରି ଚନ୍ଦ୍ରିକା ଚାଷରୁ ୨ଲକ୍ଷ ଟଙ୍କା ଲାଭ ପାଇବା ପ୍ରକୃତରେ ଅନ୍ୟମାନଙ୍କ ପାଇଁ ଉଦାହରଣ ।

## ଫସଲ ପଞ୍ଜିକା



**(ଜ୍ୟେଷ୍ଠ - ଆଷାଢ଼) / ଜୁନ୍**

ମାଟି ପରୀକ୍ଷା ରିପୋର୍ଟ ଅନୁସାରେ ଫସଲ ପାଇଁ ଖାଦ୍ୟସାର ଅନୁମୋଦନ, ଶୁଷ୍କାଞ୍ଚଳ ଚାଷ ଜମିରେ ମୃତ୍ତିକା ଓ ଜଳ ସଂରକ୍ଷଣ, ଢିପ ଜମିରେ ଅଣଧାନ ଫସଲ ଚାଷ ପାଇଁ ଯୋଜନା ।

**ଧାନ:** ଜମି ପ୍ରସ୍ତୁତି, ବିହନ ବିଶୋଧନ, ତଳିଘରା ପ୍ରସ୍ତୁତି, ଧାନବୁଣା, ବୁଣା ଧାନରେ ମୂଳସାର ପ୍ରୟୋଗ, ଜୀବାଣୁସାରରେ ମଞ୍ଜି ଉପଚାର, ଉପଯୁକ୍ତ ପାଗ ଦେଖି ବୁଣା ।

**ମକା:** ବିହନ ବିଶୋଧନ, ମୂଳସାର ପ୍ରୟୋଗ ଓ ବିହନ ବୁଣା

**ହରଡ଼:** ଢିପ ଜମିରେ ହରଡ଼ ଓ ଧାନର ମିଶ୍ରିତ ଫସଲ ବା ଅନ୍ତଃ ଫସଲ ଚାଷ କିମ୍ବା ହରଡ଼ ସହିତ ଚିନାବାଦାମ/ ଛୋଟ ଶସ୍ୟ ଜାତୀୟ ଫସଲର ଅନ୍ତଃଫସଲ ଚାଷ ପାଇଁ ଜମି ପ୍ରସ୍ତୁତି, ମୂଳସାର ପ୍ରୟୋଗ, ଜୀବାଣୁସାରରେ ମଞ୍ଜି ଉପଚାର, ଉପଯୁକ୍ତ ପାଗ ଦେଖି ବୁଣା ।

**ଅନ୍ୟ ଡାଲି ଫସଲ:** ଜମି ପ୍ରସ୍ତୁତି, ବିହନ ବିଶୋଧନ, ଜୀବାଣୁସାର ଉପଚାର, ଉପଯୁକ୍ତ ପାଗ ଦେଖି ବୁଣା ।

**ଚିନାବାଦାମ / ରାଶି:** ଚିନାବାଦାମ ପାଇଁ ଜମି ପ୍ରସ୍ତୁତି, ବିହନ ବିଶୋଧନ, ଜୀବାଣୁସାର ପ୍ରୟୋଗ, ରାଶିପାଇଁ ଜମି ପ୍ରସ୍ତୁତି, ବିହନ ବିଶୋଧନ, ସାର ପ୍ରୟୋଗ ଓ ବିହନ ବୁଣା ।

**ଝୋଟ:** ପିତା ନଳିତାରେ ରୋଗପୋକ ନିୟନ୍ତ୍ରଣ, ମଧୁର ନଳିତାରେ ଘାସ ବଛା ।

**କପା/ମେସ୍ତା:** ଜମି ପ୍ରସ୍ତୁତି, ବିହନ ବିଶୋଧନ, ମୂଳସାର ପ୍ରୟୋଗ ଓ ବିହନ ବୁଣା ।

**ଆଖୁ:** ବିଳମ୍ବରେ ଲାଗିଥିବା ଆଖୁରେ ଅନ୍ତଃଚାଷ ଓ ସାର ପ୍ରୟୋଗ ଓ ବିହନ ବୁଣା ।

**ପନିପରିବା:** କିସମ ଚୟନ, ଜମି ପ୍ରସ୍ତୁତି, ମଞ୍ଜି ବିଶୋଧନ, ମୂଳସାର ପ୍ରୟୋଗ, ମଞ୍ଜି/ଚାରା ରୋପଣ ।

**ଫଳ:** ଖୋଳାଯାଇଥିବା ଗାତରେ ସାର ଓ ଖତ ପ୍ରୟୋଗ, ଆଗୁଆ ବର୍ଷା ହୋଇଥିଲେ ଚାରା ରୋପଣ, ଆମ୍ବ, ଲାଚି, ନଡ଼ିଆ, ପିଜୁଳି, ସପେଟା ଇତ୍ୟାଦିରେ ଯୋଡ଼କଲମୀ ଚାରାର ଯତ୍ନ ।

**ଘାସଚାଷ:** ଜମି ପ୍ରସ୍ତୁତି, ମଞ୍ଜିବୁଣା, ବାରମାସୀ ଘାସ ରୋପଣ, ସାର ପ୍ରୟୋଗ ଓ ଘାସ କଟା ।

# ଲାଭଜନକ ଫସଲ ଅମଳକୁ ଗୁରୁତ୍ୱ

## କୃଷିମନ୍ତ୍ରୀଙ୍କ ସମୀକ୍ଷା

କୃଷି ଓ କୃଷକର ଉନ୍ନତି ନିମନ୍ତେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ପ୍ରବର୍ତ୍ତିତ ବିଭିନ୍ନ ଯୋଜନାର ସଫଳ ପରିଚାଳନା ଓ କୃଷି କ୍ଷେତ୍ରରେ ଅଭିବୃଦ୍ଧି ଘଟାଇ ରାଜ୍ୟ ସରକାର ୪ଥର କୃଷି କର୍ମଣ ପୁରସ୍କାର ପାଇଥିବା ବେଳେ ଖାଦ୍ୟଶସ୍ୟ ଉତ୍ପାଦନରେ ମଧ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । କୃଷି ଭିତ୍ତିକ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ବନ୍ଧରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ଡ଼ା. ଦାମୋଦର ରାଉତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରି କୃଷି ସମ୍ପ୍ରସାରଣ ପରିଚାଳନା ପ୍ରତିଷ୍ଠାନ (ଇମେଜ୍)ର ଭୁବନେଶ୍ୱର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଜଳନିଧି ଯୋଜନା, କୃଷି ଯାନ୍ତ୍ରିକୀକରଣ ପ୍ରଭୃତିର କାର୍ଯ୍ୟଖସଡ଼ା ଓ ଏହାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ । ଚଳିତ ବର୍ଷରୁ କାର୍ଯ୍ୟକାରୀ ହେବାକୁ ଥିବା ନୂତନ କୃଷି ସମ୍ପ୍ରସାରଣ ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ଅବତାରଣା କରାଯାଇଥିଲା । ରାଜ୍ୟ ସରକାରଙ୍କ ତରଫରୁ ବିହନ ଓ କୃଷି ଯନ୍ତ୍ରପାତି କ୍ରୟ ଏବଂ ଜଳନିଧି ପ୍ରକଳ୍ପ ପ୍ରତିଷ୍ଠାରେ ପ୍ରଦତ୍ତ ରିହାତିକୁ ଅଧିକ କ୍ରିୟାଶୀଳ ଓ ସ୍ୱଚ୍ଛ କରିବା ନିମନ୍ତେ ଡିବିଟି ପ୍ଲାଟଫର୍ମ ଓ ଏହାର ସଫଳତା ବିଷୟରେ ଆଲୋଚନା ହୋଇଥିଲା । ଏତଦ୍ ବ୍ୟତୀତ କୃଷି ଓ କୃଷକଙ୍କ ଉନ୍ନତି କଳ୍ପେ ଜାତୀୟ ଓ ଅର୍ନ୍ତଜାତୀୟ ଖ୍ୟାତି ସମ୍ପନ୍ନ ବିଭିନ୍ନ ଅନୁଷ୍ଠାନ ମାନଙ୍କ ସହ ଚୁକ୍ତିନାମା ହୋଇଛି । ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟର କାର୍ଯ୍ୟକ୍ରମର ସମୀକ୍ଷା ହୋଇଥିଲା । ନିର୍ଦ୍ଦେଶାଳୟ ତରଫରୁ ଏମ୍‌ଜିଏନ୍‌ଆର୍‌ଜିଏସ୍ ସହାୟତାରେ କରାଯାଉଥିବା ପ୍ରକଳ୍ପ, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଓ ବୃଷ୍ଟି ପୁଷ୍ଟ ଅଞ୍ଚଳ ଉନ୍ନୟନ ଯୋଜନା ସମ୍ପର୍କରେ ଆଲୋକପାତ କରାଯାଇଥିଲା । ବିଭିନ୍ନ ଆର୍ଥିକ ବର୍ଷରେ ମିଳିଥିବା ଅନୁଦାନ ଓ ତାହାର ଉପଯୋଗିତା ତଥା ବିଭିନ୍ନ ସଫଳ ପ୍ରକଳ୍ପ ଓ ପରିଚାଳନାରେ ସ୍ୱଚ୍ଛତା ପାଇଁ ସରକାର ଗ୍ରହଣ କରିଥିବା ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀ ଡ଼. ରାଉତ ସୂଚନା ଦେଇଥିଲେ ।





ଶେଷ ପର୍ଯ୍ୟାୟ ସମୀକ୍ଷା ବୈଠକରେ ଓଡ଼ିଶାର ଜଳବାୟୁ ଉଦ୍ୟାନ କୃଷି ନିମନ୍ତେ ସହାୟକ ହେତୁ ଫଳ, ପନିପରିବା ଓ ଫୁଲ ଚାଷ ମାଧ୍ୟମରେ କୃଷି ଅଭିବୃଦ୍ଧି ଲକ୍ଷ୍ୟ ହାସଲ କରାଯାଇପାରିବ ବୋଲି ମତ ପ୍ରକାଶ ପାଇଥିଲା । ଜାତୀୟ ଉଦ୍ୟାନ କୃଷି ମିଶନ, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ଜାତୀୟ ଆୟୁଷ ମିଶନ, ପରମ୍ପରାଗତ କୃଷି ବିକାଶ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଜାତୀୟ ତେଲ ଓ ତାଳ ତେଲ ମିଶନ, ନାରିକେଳ ଉନ୍ନୟନ ବୋର୍ଡ ଓ ଏମ୍‌ଜିଏନ୍‌ଆର୍‌ଜିଏସ୍ ଯୋଜନାର ସଫଳ ଉପଯୋଗ ସମ୍ପର୍କରେ ଆଲୋଚନା ହୋଇଥିଲା ।

କୃଷକଙ୍କ ମଧ୍ୟରେ ନୂତନ ଜ୍ଞାନକୌଶଳର ସମ୍ପ୍ରସାରଣ ଓ ଦକ୍ଷତା ବୃଦ୍ଧି ନିମନ୍ତେ କନ୍ଧମାଳ ଓ ଖୋର୍ଦ୍ଧାରେ ସ୍ଥାପିତ ବିଦ୍ୟାଳୟ ଏବଂ ଫଳ ଓ ପନିପରିବାର ସଂରକ୍ଷଣ ତଥା ପ୍ରକ୍ରିୟାକରଣ ନିମନ୍ତେ ସ୍ଥାପିତ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିବା ସହ ଉତ୍ପାଦିତ ଫଳ ଓ ପନିପରିବା କ୍ରୟ ବିକ୍ରୟ ପାଇଁ ରାଜ୍ୟ ସ୍ତରରେ ନିଜସ୍ୱ କମ୍ପାନି ପ୍ରତିଷ୍ଠାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଥିଲା ।

## ସଫଳ ଚାଷୀ ଶ୍ରୀନିବାସ ଚୌଧୁରୀ

**କଳାହାଣ୍ଡି** ଜିଲ୍ଲାର ଧର୍ମଗଡ଼ର ଶ୍ରୀନିବାସ ଚୌଧୁରୀ ଜଣେ ସଫଳ ଚାଷୀ । ଶ୍ରୀନିବାସ ଧର୍ମଗଡ଼ କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି । ନିଜର ଦୃଢ଼ ଇଚ୍ଛାଶକ୍ତି ଓ ଉଦ୍ୟମ ବଳରେ ସେ ନିଜ ଅଂଚଳରେ ଜଣେ ଉଦ୍ୟୋଗୀ ଚାଷୀ ରୂପେ ପରିଚିତ । ୨୦୦୮ରେ ନନ୍ଦଗାଁ ଗ୍ରାମ ପଞ୍ଚାୟତର ମଝେନ ପଦରଠାରେ ପ୍ରାୟ ୧୧ ଏକର ଜମିରେ ୭ଶହ ଆମ୍ବ ଗଛ ରୋପଣ କଲେ । ଏଥିରେ ଆମ୍ରପଲ୍ଲୀ, ବାଇଗଣପଲ୍ଲୀ, ତୋତାପଲ୍ଲୀ ଆମ୍ବଗଛ ସାଙ୍ଗକୁ ୩୦ଟି ଲେମ୍ବୁ ଗଛ ଓ ୨୫ଟି ସପେଟା ଗଛ ମଧ୍ୟ ଲଗାଇଥିଲେ । ଏଥିଲାଗି ଉଦ୍ୟାନବିଭାଗ ଅଧିକାରୀଙ୍କ ପ୍ରାଥମିକ ସ୍ତରରେ ପ୍ରୋତ୍ସାହନ ପାଇଲେ ।



୨୦୧୨ ମସିହାଠାରୁ ଆମ୍ବରୁ ବର୍ଷକୁ ପ୍ରାୟ ୩ଲକ୍ଷ ଟଙ୍କା ଲାଭ ମିଳୁଛି । ସେ ନିଜେ ଉପାର୍ଜନକ୍ଷମ ହେବା ସହ ୩ଜଣ ଲୋକଙ୍କୁ ରୋଜଗାରକ୍ଷମ କରାଇପାରିଛନ୍ତି । ନିଜ ଘରେ ୧୫ଟି ଗାଈ ରଖି ପ୍ରତିଦିନ ପ୍ରାୟ ୨୦ଲିଟରରୁ ଅଧିକ କ୍ଷୀର ବିକ୍ରି କରିଥାନ୍ତି । ଏହାବ୍ୟତୀତ କିଛି ଜମିରେ ଟମାଟୋ,କଲରା ଆଦି ପନିପରିବା ଋତୁ ଅନୁସାରେ ଚାଷ କରି ନିକଟସ୍ଥ ବଜାରରେ ତାହା ବିକ୍ରି କରିଥାନ୍ତି । ଏସବୁରୁ ବର୍ଷକୁ ପାଉଥିବା ଆୟ ଚାକିରିରୁ ମିଳିନଥାନ୍ତା ବୋଲି ସେ ମତ ଦିଅନ୍ତି ।

# ଆମ ଗାଁ ଆମେ ଗଢ଼ିବା, ସମସ୍ତଙ୍କ ମନ ଜିଣିବା

ରାଜ୍ୟ ସରକାର ଓ ପ୍ରଶାସନ ସମ୍ପ୍ରତି ଗ୍ରାମାଭିମୁଖୀ । ବିକାଶର ଧାରାରେ ସମସ୍ତଙ୍କୁ ଭାଗିଦାର କରିବାର ପରିକଳ୍ପନା ପ୍ରଚଳିତ ପଞ୍ଚାୟତିରାଜ ବ୍ୟବସ୍ଥାରେ ତ୍ୱରାନ୍ୱିତ ହୋଇଛି । ଗ୍ରାମ ସଡ଼କ ଯୋଜନା ମାଧ୍ୟମରେ ଗାଁକୁ ଯୋଡ଼ିବା, କଚ୍ଚା ଘର ବଦଳରେ ପକ୍କାଘର, ଘରେ ଘରେ ପାନୀୟଜଳ ଓ ବିଦ୍ୟୁତ୍ ଯୋଗାଣ, ମହାତ୍ମା ଗାନ୍ଧି ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ଲୋକଙ୍କୁ କାମ ଏବଂ ଓଡ଼ିଶା ଜୀବିକା ମିଶନ ସହାୟତାରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ତାଲିମ ତଥା ଆତ୍ମନିଯୁକ୍ତିର ସୁଯୋଗ ଦେବା ସାଙ୍ଗକୁ ମହିଳା ଓ ଶିଶୁଙ୍କ କଲ୍ୟାଣ ସକାଶେ ଅଙ୍ଗନୱାଡ଼ି କେନ୍ଦ୍ର ପ୍ରତିଷ୍ଠା ଗ୍ରାମ୍ୟ ଜନଜୀବନର ଚିତ୍ର ବଦଳାଇ ଦେଇଛି । ଗ୍ରାମବାସୀଙ୍କ ମିଳିତ ପ୍ରଚେଷ୍ଟାରେ ଗଢ଼ିଉଠିଥିବା ଦୁଇଟି ଆଦର୍ଶ ଗାଁର ଚିତ୍ର ଆମେ ଏଠାରେ ଉପସ୍ଥାପନ କରୁଛୁ ଅନ୍ୟମାନଙ୍କୁ ପ୍ରେରଣା ଦେବାପାଇଁ ।

## ଅନୁଶାସନର ଗାଁ ତୁମୁଣି


ତୁମୁଣି ଗାଁରେ ଗ୍ରାମସଭା

ସରସ ସୁନ୍ଦର ଗାଁ ଗଢିବାରେ ସ୍ଥାନୀୟ ବାସିନ୍ଦା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ଗ୍ରାମବାସୀ ନିଜେ ପ୍ରସ୍ତୁତ କରିଥିବା ଅନୁଶାସନକୁ ନିଷ୍ଠାର ସହ ମାନି ଚଳୁଥିବାରୁ ଆଖପାଖ ଅଞ୍ଚଳରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି **ଅନୁଗୋଳ** ଜିଲ୍ଲାର ବଡକେରା ପଞ୍ଚାୟତ ଅନ୍ତର୍ଗତ ତୁମୁଣି ଗାଁ । ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ଗ୍ରାମସ୍ୱରାଜ ବାର୍ତ୍ତାକୁ ତୁମୁଣିବାସୀ ନିଜ ଶୈଳୀରେ ଗ୍ରହଣ କରିନେଇଛନ୍ତି ।

୧୬୮୬ ଜନସଂଖ୍ୟା ବିଶିଷ୍ଟ ଗାଁର ମୁରବୀମାନଙ୍କୁ ନେଇ ପଞ୍ଚ ଗଠନ ଓ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଅନୁଶାସନ ଯୋଗୁଁ ଏଠି କାହିଁ କେତେ କାଳରୁ ଶୃଙ୍ଖଳା ବଳବତ୍ତର ରହିଛି । ସବୁଠାରୁ ଉଲ୍ଲେଖଯୋଗ୍ୟ କି, ଗ୍ରାମରେ ଉପୁଜୁଥିବା ଛୋଟ ବଡ ଘଟଣାର ସମାଧାନ ଆପୋଷ ଆଲୋଚନା ମାଧ୍ୟମରେ ହୋଇଥାଏ । ଏଥିଲାଗି ସ୍ଥାନୀୟ ପୁଲିସ କିମ୍ବା ପ୍ରଶାସନର ସାହାଯ୍ୟ ସେମାନେ ଲୋଡନ୍ତି ନାହିଁ । ତେଣୁ ମାମଲାମୁକ୍ତ ଗାଁ ହିସାବରେ ତୁମୁଣିର ନାଁ ଅଛି । ସେହିଭଳି ଘରପୋଡି ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ନିଜ ଶୈଳୀରେ ନିୟନ୍ତ୍ରଣ କରିବା ପାଇଁ ଗାଁର ପୁରୁଣା ନିୟମ ଅନୁଯାୟୀ ଖରାଦିନେ ଦିନ ୧୦ଟା ପରେ ରୋଷେଇ କରିବା ମନା । ସମ୍ଭାବ୍ୟ ବିପଦର ମୁକାବିଲା ପାଇଁ ଚୁଲି ପାଖରେ ବାଲ୍‌ଟିରେ ପାଣି ମହଜୁଦ୍ ରଖିବା ଶୃଙ୍ଖଳାକୁ ଗ୍ରାମର ସବୁ ପରିବାର କଡାକଡି ଭାବେ ପାଳନ କରୁଛନ୍ତି ।

ସେହିଭଳି ଖରାଦିନେ ପାଣିର ଅଭାବ ଦୃଷ୍ଟିରୁ ସବୁ ପରିବାର ଧାଡ଼ି ବାନ୍ଧି ଦୁଇଟି ଲେଖାଏଁ ଗରା ବା ବାଲ୍‌ଟିରେ ନଳକୂଅରୁ ପାଣି ଆଣିବାର ଶୃଙ୍ଖଳା ବାସ୍ତବିକ୍ ପ୍ରଶଂସନୀୟ । ବେସରକାରୀ ସଂଗଠନ ଫେଡେରେସନ୍ ଅଫ୍ ଇକୋଲଜିକାଲ୍ ସୋସାଇଟି (FES) ସହଯୋଗରେ ତୁମୁଣି ଗାଁର ଲୋକେ ପାଖ ଜଙ୍ଗଲର ସୁରକ୍ଷା କରିବା ସହ ଗାଁର ଉନ୍ନତିରେ ପ୍ରକୃତ ଭାଗିଦାର ହୋଇପାରିଛନ୍ତି । ପ୍ରତ୍ୟେକ ପରିବାର ବର୍ଷକୁ ୫୦ଟଙ୍କା ଲେଖାଏଁ କମିଟିକୁ ଦେଇଥାନ୍ତି । ସଞ୍ଚିତ ଅର୍ଥର ଉପଯୋଗ ସାଙ୍ଗକୁ ଶ୍ରମଦାନ କରି ଗାଁ ଲୋକେ ବେଶ୍ କିଛି ଆଖିଦୃଶିଆ କାମ କରିପାରିଛନ୍ତି । ଗାଁ ପୋଲ ନିକଟରେ ସଂଯୋଗକାରୀ ରାସ୍ତାର ମରାମତିଠାରୁ ଆରମ୍ଭ କରି କୁକୁଟେଶ୍ୱର ମନ୍ଦିର ଯାଏଁ ରାସ୍ତା ନିର୍ମାଣ ସହ ଏବେ ଗାଁ ମୁଣ୍ଡରେ ନିଜ ପାଣ୍ଠିରୁ ଏକ କଂକ୍ରିଟ୍ ତୋରଣ ନିର୍ମାଣ ଚାଲିଛି । କୋଠଟଙ୍କାରେ ଗ୍ରାମବାସୀ ଏକ ଟେଣ୍ଟ ହାଉସ୍ କରିବା ଫଳରେ ସ୍ୱଳ୍ପ ଅର୍ଥରେ ବାହାଘର ବେଳେ ତହିଁର ସୁବିଧା ପାଉଛନ୍ତି ଓ ଗାଁର ପାଣ୍ଠି ମଧ୍ୟ ବଢୁଛି ।

ଗ୍ରାମ ଜଙ୍ଗଲ ସୁରକ୍ଷା ସ୍ଥାନୀୟ ଅଧିବାସୀଙ୍କ ଦ୍ୱାରା ବ୍ୟବସ୍ଥିତ ଢ଼ଙ୍ଗରେ ପରିଚାଳିତ ହୋଇଥାଏ । ବାଢେ କାଠକୁ ଜାଳେଣୀ ପାଇଁ ଘରକୁ ଆଣିବାଠାରୁ ଆରମ୍ଭ କରି ବିଭିନ୍ନ ବନଜାତ ସାମଗ୍ରୀ କିଏ କେତେ ପରିମାଣର ସଂଗ୍ରହ କରିବେ ତାହା ସମସ୍ତଙ୍କ ସହମତିରେ ସ୍ଥିର ହୋଇଛି । ଏହା ସେଠାକାର ଲୋକଙ୍କ ଜୀବନଜୀବିକାରେ ସହାୟକ ହୋଇପାରିଛି ।

ତୁମୁଣି ଗାଁର ୩୫୭ପରିବାର ମଧ୍ୟରୁ ୩୫୬ ପରିବାର ଏବେ ସ୍ୱଚ୍ଛ ଭାରତ ଯୋଜନାରେ ନିଜର ଶୌଚାଳୟ କରିପାରିଛନ୍ତି । ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ବାଦ ବିବାଦ ନଥିବା ତୁମୁଣି ଗାଁ ଲୋକଙ୍କ ସହଯୋଗ ଯୋଗୁଁ ବିଶେଷ ସଫଳ ହେଉଛି ବୋଲି ସ୍ଥାନୀୟ ସରକାରୀ ଅଧିକାରୀମାନେ ମତ ଦିଅନ୍ତି । ଗାଁରେ କମିଟିର ବୈଠକ ହେଉ ଅବା ପଲ୍ଲୀସଭା, ସବୁଥିରେ ଉଭୟ ମହିଳା ଓ ପୁରୁଷମାନେ ସକ୍ରିୟ ଭବେ ଅଂଶଗ୍ରହଣ କରିଥାନ୍ତି । ଉଳମନ୍ଦରେ ବର୍ଷକୁ ପ୍ରାୟ ୩୦ଟି ଗ୍ରାମସଭା ଆୟୋଜନ ଗ୍ରାମବାସୀଙ୍କ ମଧ୍ୟରେ ଥିବା ଏକତାକୁ ପ୍ରତିଫଳିତ କରିଥାଏ । ପ୍ରଚଳିତ ପ୍ରଥା ଓ ପରମ୍ପରା ହିଁ ସେମାନଙ୍କ ଅନୁଶାସନର ଭିତ୍ତିଭୂମି, ଯାହାକି ଆଖପାଖରେ ଅନୁକରଣୀୟ ହୋଇଛି ।


ତୁମୁଣି ଗାଁର ମନ୍ଦିର

## ଭାଇଚାରାର ଗାଁ ଡୁମେରଢିପା


ଡୁମେରଢିପା ଗାଁ ମଧ୍ୟରେ ଥିବା ଜଳ ଯୋଗାଣ ଓ ପରିମଳ ପ୍ରକଳ୍ପ

**ଝାରସୁଗୁଡା** ଜିଲ୍ଲା ଲଖନପୁର ବ୍ଲକର ଡୁମେରଢିପା ଗାଁ । ଗ୍ରାମବାସୀଙ୍କ ସାମୂହିକ ଉଦ୍ୟମରେ ଗୋଷ୍ଠୀ ପାଣ୍ଠି ଗଠନ, ୨୪ ଘଣ୍ଟା ନିରାପଦ ପାନୀୟଜଳ ଯୋଗାଣ, ଘରେ ଘରେ ଶୌଚାଳୟ ନିର୍ମାଣ, ଭାଗବତ ଟୁଙ୍ଗି ଓ ବିଦ୍ୟାଳୟ ପ୍ରତିଷ୍ଠା ଏହି ଛୋଟିଆ ଗାଁକୁ ଏକ ଆଦର୍ଶ ଗାଁ ଭାବେ ଗଢି ତୋଳିଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆଜି ପର୍ଯ୍ୟନ୍ତ ଗାଁର ଜଣେବି ବ୍ୟାଙ୍କରୁ ଋଣ ନେଇନାହାନ୍ତି ।

ହୀରାକୁଦ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ଆଲୋରୀ, ମହାଦେବପାଲି, ପଲ୍‌ସଦା, କେନାପାଲି, ସାଗରପାଲି, ଦେଓଲି ଆଦି ୧୩ଟି ଗାଁ ସମେତ ଛତିଶଗଡର କେତେକ ଲୋକ ଆସି ପ୍ରଥମେ ବସତି ସ୍ଥାପନ କରିଥିଲେ ଡୁମେରଢିପା ଗାଁରେ । ଏହି ଗାଁରେ ଅବସ୍ଥାନ କରୁଥିବା ୭୫ଟି ପରିବାରର ସଦସ୍ୟଙ୍କୁ ମିଶାଇଲେ ଜନସଂଖ୍ୟା ହେଉଛି ୪୫୦ । ସ୍ୱଚ୍ଛ ଭାରତ ମିଶନ ଯୋଜନା କାର୍ଯ୍ୟକାରୀ ହେବାର ବହୁ ପୂର୍ବରୁ ଗାଁବାସିନ୍ଦା ସମ୍ମିଳିତ ପ୍ରୟାସରେ ଘରେ ଘରେ ଶୌଚାଳୟ ନିର୍ମାଣ କରିଛନ୍ତି । କେବଳ ସେତିକି ନୁହେଁ ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କ ଉଦ୍ୟମରେ ୨୪ ଘଣ୍ଟିଆ ନିରାପଦ ପାନୀୟ ଜଳ ଯୋଗାଣ ସମ୍ଭବ ହୋଇଛି । ପାନୀୟ ଜଳ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ଥାନୀୟ ବାସିନ୍ଦାଙ୍କ ପ୍ରୟାସରେ ୧୦ ହଜାର ଲିଟର ପାଣି ମହଜୁଦ ହୋଇପାରୁଥିବା ଟାଙ୍କି ମଧ୍ୟ ପ୍ରତିଷ୍ଠା କରାଯାଇଛି । ପରିବାରର ସଦସ୍ୟ ପିଛା ୫ ଟଙ୍କା ଲେଖାଏଁ ଚାନ୍ଦା ଆଦାୟ କରି ବିଦ୍ୟୁତ ବିଲ୍ ପୈଠ, ମଟର ଚାଳକକୁ ମାସକୁ ୧୦୦୦ ଟଙ୍କା ଦରମା ଏବଂ ବଳକା ଟଙ୍କାରେ ପାଇପ୍ ଓ ଷ୍ଟାଣ୍ଡପୋଷ୍ଟ ମରାମତି ହେଉଛି । ଏହି ସବୁ ଯୋଜନା ପ୍ରସ୍ତୁତି ଓ ସଫଳ ରୂପାୟନର ମୁଖ୍ୟ କର୍ଣ୍ଣଧାର ହେଉଛନ୍ତି ଗାଁ ମୁଖିଆ ରାମଚନ୍ଦ୍ର ମେହେର । ୨୦୦୯ ମସିହାରେ ତତ୍କାଳୀନ ରାଜ୍ୟପାଳ ଶ୍ରୀ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ ତାଙ୍କୁ ସମ୍ମାନିତ କରିଥିଲେ ।



କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳରୁ ଆସି ଡୁମେରଢିପା ଗାଁରେ ବାସ କରୁଥିବା ଖଗେନ୍ଦ୍ରନାଥ ଗୁହାଙ୍କ ଉଦ୍ୟମରେ ଭାଗବତ ଟୁଙ୍ଗି ପ୍ରତିଷ୍ଠା ହେବା ସହ ଏକ ଗୋଷ୍ଠୀ ପାଣ୍ଠି ଗଠନ କରାଯାଇଥିଲା । ମାତ୍ର ୫୦ ଟଙ୍କାରୁ ଆରମ୍ଭ ହୋଇଥିବା ଏହି ଗୋଷ୍ଠୀ ପାଣ୍ଠି ଏବେ ୧୦ ଲକ୍ଷ ଟଙ୍କାରେ ପହଞ୍ଚିଛି । ଗ୍ରାମବାସୀ ବାହାଘର, ବ୍ରତଘର, ଚାଷବାସ ଆଦି ଅତି ଦରକାରୀ କାମବେଳେ ଗୋଷ୍ଠୀ ପାଣ୍ଠିରୁ ଋଣ ନେଇ ଠିକଣା ସମୟରେ ପରିଶୋଧ କରିଥାନ୍ତି । ଗୋଷ୍ଠୀ ପାଣ୍ଠି ଥିବା ଯୋଗୁଁ ଗାଁର କୌଣସି ଅଧିବାସୀ ବ୍ୟାଙ୍କରୁ ଋଣ ନେବାର ଆବଶ୍ୟକତା ପଡିନାହିଁ । ଗୋଷ୍ଠୀ ପାଣ୍ଠି ଅର୍ଥରେ ଦୁଇ ମହଲା ଉନ୍ନତ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ସହ ଶିକ୍ଷା ବ୍ୟବସ୍ଥାର ସୁଧାର ପାଇଁ ଏକ ବିଦ୍ୟାଳୟ ନିର୍ମାଣ କରାଯାଇଛି । ଏକତାର ମନ୍ତ୍ରରେ ଅଭିମନ୍ତ୍ରିତ ଡୁମେରଢିପା ଗାଁ ବାସିନ୍ଦା ରାଜ୍ୟର ଅନ୍ୟ ଗ୍ରାମବାସୀଙ୍କ ପାଇଁ ପ୍ରେରଣାଦାୟୀ ନିଶ୍ଚୟ । ଝାରସୁଗୁଡା ଜିଲ୍ଲାର ଏହି ଛୋଟିଆ ଗାଁଟିରେ ସହାର୍ଦ୍ଦତା, ସଂପ୍ରୀତି ଓ ଭାଇଚାରା ଏହାକୁ ଏକ ଆଦର୍ଶ ଗ୍ରାମର ରୂପ ଦେଇଛି । ମହାତ୍ମା ଗାନ୍ଧିଙ୍କ ଗ୍ରାମ ସ୍ୱରାଜର ସ୍ୱପ୍ନ ଏଠାରେ ବାସ୍ତବ ରୂପ ନେଉଛି କହିଲେ ଅତ୍ୟୁକ୍ତି ହେବନାହିଁ ।

# ଗ୍ରାମସଭା ବଦଳାଇଲା ପ୍ରଗତିର ପ୍ରବାହ

ହିମାଳୟ ପାଦଦେଶରେ ଥିବା **ସିକିମ୍** ରାଜ୍ୟର କୋଲଥାଙ୍ଗ୍ ଟୋକଡେ ଗାଁ ୨୦୧୨ ମସିହାରେ ଏକ ନୂତନ ଗ୍ରାମପଞ୍ଚାୟତର ମାନ୍ୟତା ଲାଭ କଲା । ପୂର୍ବରୁ ଏହା ଲିଙ୍ଗବୋ କୋଲଥାଙ୍ଗ୍ ଗ୍ରାମପଞ୍ଚାୟତ ଅଧୀନରେ ରହିଥିଲା । ଆଗରୁ ଏହି ଗ୍ରାମବାସୀଙ୍କର ଆଞ୍ଚଳିକ ବିକାଶ ଧାରାରେ ସାମିଲ ହୋଇ ଯୋଜନାବଦ୍ଧ ଭାବେ କାମ କରିବାର ଅଭିଜ୍ଞତା ନଥିଲା । ଲୋକଙ୍କ ଚାହିଦା ଅନୁଯାୟୀ ଯଥେଷ୍ଟ ସମ୍ବଳ ନଥିବାରୁ କୋଲଥାଙ୍ଗ୍ ଟୋକଡେ ପଞ୍ଚାୟତର ସାମଗ୍ରିକ ବିକାଶ କରାଇବା ଥିଲା ପଞ୍ଚାୟତ ପ୍ରଶାସନ ପାଇଁ ଏକ ବଡ ଆହ୍ୱାନ । ଗ୍ରାମପଞ୍ଚାୟତ ଗଠନ ହେବାର ବର୍ଷେ ପର୍ଯ୍ୟନ୍ତ ଏଠାକାର ଭିତ୍ତିଭୂମିର ବିକାଶ ହୋଇପାରିନଥିଲା ଓ ସବୁ ଲୋକେ ମଧ୍ୟ ଜଳ, ପରିମଳ, ବିଜୁଳି ଭଳି ଅତ୍ୟାବଶ୍ୟକ ସୁଖ ସୁବିଧା ପାଇପାରୁନଥିଲେ । ଜିଲ୍ଲା ପ୍ରଶାସନର ସହାୟତା, ପଞ୍ଚାୟତର ନବ ନିର୍ବାଚିତ ପ୍ରତିନିଧିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବେ କୋଲଥାଙ୍ଗ ଟୋକଡେ ପଞ୍ଚାୟତର ପୂର୍ଣ୍ଣାଙ୍ଗ ବିକାଶ ସମ୍ଭବ ହୋଇଛି ।

ନିୟମିତ ଗ୍ରାମସଭା ଡକାଯାଇ ଲୋକଙ୍କ ଅଭାବ, ଅସୁବିଧା ସମ୍ବନ୍ଧରେ ଆଲୋଚନା କରାଯାଇ ସେସବୁର ପ୍ରତିକାର ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି । ପଞ୍ଚାୟତ ପ୍ରଶାସନ ତରଫରୁ ପ୍ରାଥମିକତା ଭିତ୍ତିରେ ପ୍ରତିଟି ଘରକୁ ବିଜୁଳି ଓ ନିରାପଦ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା, ପାଇଖାନା ନିର୍ମାଣ, ଟିକାକରଣ ଓ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ସମସ୍ତ ପରିବାରର ଆର୍ଥିକ ବିକାଶ ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ସମସ୍ତ ବିକାଶମୂଳକ



ସିକିମ୍ ରାଜ୍ୟର କୋଲଥାଙ୍ଗ୍ ଟୋକଡେ ଗାଁରେ ଅନୁଷ୍ଠିତ ଗ୍ରାମସଭା

କାର୍ଯ୍ୟରେ ସ୍କୁଲ୍ ଛାତ୍ରଛାତ୍ରୀ ଓ ଶିକ୍ଷକ ପ୍ରତ୍ୟକ୍ଷ ଅଂଶଗ୍ରହଣ କରୁଛନ୍ତି ।

ସବୁ ଘରକୁ ବିଜୁଳି ଓ ନିରାପଦ ଜଳ ଯୋଗାଣ, ପ୍ରତି ଘରେ ପାଇଖାନା ନିର୍ମାଣ ଓ ଟିକାକରଣ ଆଦି ଉନ୍ନତିମୂଳକ କାମର ସୁଫଳ ମିଳୁଛି ପଞ୍ଚାୟତବାସୀଙ୍କୁ । ଲୋକେ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବା ସାଙ୍ଗକୁ ଖୁସିରେ ଜୀବନ ବିତାଉଛନ୍ତି । ନିୟମିତ ଗ୍ରାମସଭାର ଆୟୋଜନ ଓ ପଞ୍ଚାୟତ ପ୍ରଶାସନର ଯୋଜନାବଦ୍ଧ ଉଦ୍ୟମ ଯୋଗୁଁ କୋଲଥାଙ୍ଗ ଟୋକଡେ ପଞ୍ଚାୟତ ଏବେ ସମଗ୍ର ସିକିମ୍ ରାଜ୍ୟରେ ଏକ ଅଗ୍ରଣୀ ଗ୍ରାମପଞ୍ଚାୟତ ଭାବେ ପରିଗଣିତ ହୋଇଛି । ଗ୍ରାମସଭା ମାଧ୍ୟମରେ ସଫଳତା ହାସଲର ଅନନ୍ୟ ଉଦାହରଣ ସୃଷ୍ଟି କରିଛି । ଏଥି ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ କୋଲଥାଙ୍ଗ ଟୋକଡେ ଗ୍ରାମପଞ୍ଚାୟତକୁ ରାଷ୍ଟ୍ରୀୟ ଗୌରବ ଗ୍ରାମସଭା ସମ୍ମାନ ମିଳିଛି । ସବୁ ଘରକୁ ନିରାପଦ ପାନୀୟ ଜଳ ଯୋଗାଣ ପାଇଁ ମହାତ୍ମା ଗାନ୍ଧି ନରେଗା ଯୋଜନାରେ ୫୦ଟି ଟାଙ୍କି ନିର୍ମାଣ କରାଯିବା ସଙ୍ଗେସଙ୍ଗେ ଟ୍ୟାପ୍ ସଂଯୋଗ କରାଯାଇଛି ।

ଜଳ ଓ ବିଦ୍ୟୁତ୍ କର ଲୋକେ ନିୟମିତ ପ୍ରଦାନ କରୁଛନ୍ତି । କଠିନ ଓ ତରଳ ବର୍ଜ୍ୟ ବସ୍ତୁର ପରିଚାଳନା ସାଙ୍ଗକୁ ସବୁ ଘରେ ପାଇଖାନା ନିର୍ମାଣ ଯୋଗୁଁ କୋଲଥାଙ୍ଗ୍ ଟୋକଡେ ପଞ୍ଚାୟତ ଖୋଲାରେ ମଳତ୍ୟାଗ ମୁକ୍ତ ହୋଇପାରିଛି । ଜଳ ଓ ପରିମଳ ସମ୍ବନ୍ଧରେ ସଚେତନତା ଶିବିର ଆୟୋଜନ କରାଯାଇ ଲୋକଙ୍କୁ ରୋଗମୁକ୍ତ ଜୀବନ ବିତାଇବା ପାଇଁ ପ୍ରଭାବିତ କରାଯାଇଛି । ପଲିଥିନ୍ ବହୁଦିନ ଧରି ମାଟିରେ ମିଶୁନଥିବାରୁ ଏହାଦ୍ୱାରା ସୃଷ୍ଟି ହେଉଥିବା ପରିବେଶ ପ୍ରଦୂଷଣ ଓ ସ୍ୱାସ୍ଥ୍ୟ ଜନିତ ସମସ୍ୟା ସମ୍ବନ୍ଧରେ ପଞ୍ଚାୟତ ପ୍ରତିନିଧି ଜନ ସଚେତନତା ସୃଷ୍ଟି କରୁଛନ୍ତି ।

ଗ୍ରାମସଭା ଜରିଆରେ ଏହି ଐକ୍ୟବଦ୍ଧ ଆନ୍ଦୋଳନ ନୂଆ ଗ୍ରାମପଞ୍ଚାୟତ ଭାବେ ମାନ୍ୟତା ପାଇଥିବା ସିକିମ୍‌ର ଅନ୍ୟ ଗ୍ରାମପଞ୍ଚାୟତ ଗୁଡିକ ପାଇଁ ଅନୁକରଣୀୟ ଓ ପ୍ରେରଣାଦାୟକ । ମାତ୍ର ୩-୪ ବର୍ଷ ମଧ୍ୟରେ ଗ୍ରାମପଞ୍ଚାୟତ ଯେଉଁ ସଫଳତାର ସୋପାନ ଅତିକ୍ରମ କରିଛି ତାହା କେବଳ ନବ ନିର୍ବାଚିତ ପ୍ରତିନିଧି, କର୍ମକର୍ତ୍ତା ଓ ଲୋକଙ୍କ ସକ୍ରିୟ ସହଯୋଗ ଯୋଗୁଁ ସମ୍ଭବ ହୋଇପାରିଛି । ଦକ୍ଷତା ବିକାଶ ତାଲିମ ମାଧ୍ୟମରେ ଯୁବବର୍ଗଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟାଇ ସେମାନଙ୍କୁ ରୋଜଗାର ଯୋଗାଇବା ପାଇଁ ପ୍ରଶାସନର ପ୍ରୟାସ ପ୍ରଗତି ଧାରାର ଏକ ନୂଆ ଦିଗନ୍ତ ।




ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ

# ପ୍ରମିଳା ଏବେ ଘରକୁ ସାହା

**ବରଗଡ଼** ଜିଲ୍ଲା ବିଜେପୁର ବ୍ଲକ୍ ଅନ୍ତର୍ଗତ ବଲଣ୍ଡା ଗାଁରେ ପ୍ରମିଳା ଚିର୍ଗୁନଙ୍କ ଘର । ପରିବାରର ସଦସ୍ୟ କହିଲେ ବାପା, ମା', ଦୁଇ ବଡ ଭଉଣୀ ଓ ସାନ ଭାଇ । ବାପା ଚିନା ଚିର୍ଗୁନ ଜଣେ ନାମମାତ୍ର ଚାଷୀ । ଏକ ଏକରରୁ ବି କମ୍ ଜମିରେ ଚାଷକରି ଯାହା ପାଆନ୍ତି ସେଥିରେ ପରିବାର ଚଳାନ୍ତି । ଋତୁକାଳୀନ ଚାଷ ପରେ ପୁଣି ଦିନମଜୁରି କରିବା ଆରମ୍ଭ କରିଦିଅନ୍ତି ଚିନା । ତଥାପି ପାଞ୍ଚ ପ୍ରାଣୀ କୁଟୁମ୍ବକୁ ଆହାର ଯୋଗାଇବା ଓ ପିଲାଙ୍କ ପାଠପଢା ଖର୍ଚ୍ଚ ବହନ କରିବା କଷ୍ଟକର ହୋଇପଡେ ତାଙ୍କ ପକ୍ଷରେ । ଦିନକୁ ଦିନ ଘରର ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡିବାରୁ ପିଲାଙ୍କ ସ୍କୁଲ ଯିବା ବି ବନ୍ଦ ହୋଇଯାଏ । ପରିବାରର ଏଭଳି ଦୁରବସ୍ଥା ଦେଖି ପ୍ରମିଳା ଭାଙ୍ଗିପଡିଲେ । ଜଣେ ଝିଅ ହୋଇଥିବାରୁ ଘର ପାଇଁ ନିଜକୁ ବୋଝ ମନେକରୁଥିଲେ ସେ ।

ବେକାର ଯୁବକ, ଯୁବତୀଙ୍କ ଦକ୍ଷତା ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା(ଡିଡିୟୁ-ଜିକେୱାଇ) ସମ୍ପର୍କରେ ଜାଣିବାକୁ ପାଇଲେ ପ୍ରମିଳା । ବରଗଡରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ କାଉନସେଲିଂ କ୍ୟାମ୍ପରେ ଯୋଗଦେଲେ । କ୍ୟାମ୍ପରେ ଯୋଗ ଦେବା ପରେ ଭୁବନେଶ୍ୱରସ୍ଥିତ ସାହି ଏକ୍ସପୋର୍ଟ ତାଲିମ କେନ୍ଦ୍ରରେ ସିଲେଇ ଶିକ୍ଷା ପାଇଁ ତାଙ୍କର ଆଗ୍ରହ ବଢିଲା । କିନ୍ତୁ ବାପା, ମା' ତାଙ୍କୁ ଜିଲ୍ଲା ବାହାରକୁ ଛାଡିବାକୁ ରାଜି ନଥିଲେ । ବ୍ଲକ୍ ପ୍ରକଳ୍ପ ପରିଚାଳକ ପ୍ରମିଳାଙ୍କ ବାପା, ମା'ଙ୍କୁ ସରକାରଙ୍କ ଡିଡିୟୁ-ଜିକେୱାଇ ଯୋଜନା ସମ୍ପର୍କରେ ବୁଝାଇବା ପରେ ସେମାନେ ତାଙ୍କୁ ବାହାରକୁ ଛାଡିବାକୁ ସମ୍ମତି ପ୍ରଦାନ କଲେ । ପ୍ରଥମେ ପ୍ରଥମେ ସେ ତାଲିମ ନେଉଥିବା ଯୁବକ, ଯୁବତୀଙ୍କ ସହ କଥା ହେବାକୁ ସହଜ ମଣୁନଥିଲେ । ତାଲିମ କେନ୍ଦ୍ରରେ ସିଲେଇ ବ୍ୟତୀତ ବ୍ୟକ୍ତିତ୍ୱର ବିକାଶ ପାଇଁ ସ୍ପୋକନ୍ ଇଂଲିଶ, ହିନ୍ଦୀ ଏବଂ କମ୍ପ୍ୟୁଟର ଶିକ୍ଷା ମଧ୍ୟ ଦିଆଯାଏ । କ୍ରମେ ସେ ଦକ୍ଷତା ବିକାଶ ସହ ବ୍ୟକ୍ତିତ୍ୱ ବିକାଶ ପାଇଁ ଦିଆଯାଉଥିବା ଅନ୍ୟାନ୍ୟ ତାଲିମ ମଧ୍ୟ ନେଲେ । ୩ ମାସ ତାଲିମ ନେବା ପରେ ପ୍ରମିଳା ସିଧାସଳଖ ବେଙ୍ଗାଲୁରୁସ୍ଥିତ ସାହି ଏକ୍ସପୋର୍ଟ କମ୍ପାନୀରେ ନିଯୁକ୍ତି ପାଇଲେ । ଚାକିରିରେ ଯେତେବେଳେ ଯୋଗ ଦେଲେ ତାଙ୍କର ଦରମା ଥିଲା ୫ ହଜାର । ଏବେ ସାତ ମାସ ଭିତରେ ଦରମା ବଢିବଢି ୮ ହଜାରରେ ପହଞ୍ଚିଲାଣି । ପ୍ରତି ମାସରେ ଦରମା ଟଙ୍କାରୁ ୫ ହଜାର ଟଙ୍କା ଘରକୁ ପଠାଉଛନ୍ତି । ଘର ପାଇଁ ସେ ଦିନେ ସାହାରା ହେବେ ତାହା ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ ପ୍ରମିଳା । ସପ୍ତମ ଶ୍ରେଣୀରେ ଅକୃତକାର୍ଯ୍ୟ ହୋଇଥିବା ଜଣେ ଦଳିତ ଝିଅ ହୋଇ ବେଙ୍ଗାଲୁରୁର ଏତେ ବଡ କମ୍ପାନୀରେ କାମ କରିବାର ସୁଯୋଗ ପାଇବେ ବୋଲି ସେ ଭାବିନଥିଲେ । ଘରର ମାସିକ ଖର୍ଚ୍ଚ ପାଇଁ କିଛି ସାହାଯ୍ୟ କରିପାରିଥିବାରୁ ତାଙ୍କୁ ଆତ୍ମସନ୍ତୁଷ୍ଟି ମିଳୁଛି । ପ୍ରମିଳାଙ୍କୁ ଦେଖି ଗାଁର ଅନ୍ୟ ବେକାର ଯୁବକ, ଯୁବତୀ ମଧ୍ୟ ସରକାରଙ୍କ ଡିଡିୟୁ-ଜିକେୱାଇ ଯୋଜନାର ସୁଫଳ ପାଇବା ପାଇଁ ଆଗ୍ରହ ପ୍ରକାଶ କଲେଣି । ତେଲେଙ୍ଗାନା ଯାଇ ଦିନମଜୁରି କରି ପେଟ ପୋଷୁଥିବା ଗାଁର ଯୁବକ ଏହି ଯୋଜନାରେ ଦିଆଯାଉଥିବା ତାଲିମ ନେଇ ରାଜ୍ୟ ବାହାରେ ବିଭିନ୍ନ କମ୍ପାନୀରେ କାମ କରିବା ଆରମ୍ଭ କଲେଣି ।



ବାପା ଓ ମା'ଙ୍କ ସହ ପ୍ରମିଳା

# ବାଟ ଦେଖାଇଲା ଆର୍‌ଏସ୍‌ଇଟିଆଇ




ନିଜ ମୋବାଇଲ୍ ଦୋକାନରେ ଜଗନ ଖଟୁଆ

**କଟକ** ଜିଲ୍ଲା ତଳଗଡ଼ ଗାଁର ଜଗନ ଖଟୁଆ । ପରିବାରର ଆର୍ଥିକ ଦୁରବସ୍ଥା ଯୋଗୁଁ ଅଧାରୁ ପାଠପଢ଼ା ଛାଡ଼ି ସେ ରୋଜଗାର ଆଶାରେ ବାହାରକୁ ପଳାଇଥିଲେ । ଯୁକ୍ତ ଦୁଇ ସମ୍ପୂର୍ଣ୍ଣ କରିବା ପୂର୍ବରୁ ପ୍ରଥମ ବର୍ଷରୁ ହିଁ ତାଙ୍କୁ ପାଠପଢ଼ା ଓ ଘର ଛାଡ଼ିବାକୁ ପଡ଼ିଥିଲା । ଏଭଳି ଜଟିଳ ପରିସ୍ଥିତିରେ ନିଜ ଜୀବନକୁ ସଜାଡ଼ିବା ପାଇଁ ଜଗନଙ୍କୁ ବାଟ ଦେଖାଇଥିଲା କଟକ ୟୁକୋ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ସଂସ୍ଥା (ଆର୍‌ଏସ୍‌ଇଟିଆଇ)। ସେ ଜଣେ ବନ୍ଧୁଙ୍କଠାରୁ ଖବର ପାଇ ୨୦୧୨ ମସିହା ଫେବୃଆରୀରେ ମୋବାଇଲ ମରାମତି ପାଇଁ ୩୦ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଲେ । ଟ୍ରେନିଂ ସରିବା ପରେ ମୋବାଇଲ ଦୋକାନରେ କାମ କରି ଅଭିଜ୍ଞତା ହାସଲ କଲେ । ଏହାପରେ ଜଗନ ରାମଦାସପୁର ୟୁକୋବ୍ୟାଙ୍କ ଶାଖା ସହାୟତାରେ ୨୫ ହଜାର ଟଙ୍କା ଋଣ ନେଇ ନରାଜ ବଜାରରେ ନିଜର ଦୋକାନ ଖୋଲିଲେ ।

ଏବେ ଜଗନ ମୋବାଇଲ ମରାମତି ଦୋକାନରୁ ମାସକୁ ୩୦ ହଜାର ଟଙ୍କା ରୋଜଗାର କରିବା ସହ ଅନ୍ୟ ୨ଜଣଙ୍କୁ ନିଯୁକ୍ତି ଦେଇ ରୋଜଗାରକ୍ଷମ କରିପାରିଛନ୍ତି । ଏବେ ନିଜର ପରିବାର ଖର୍ଚ୍ଚ ତୁଲାଇବା ସହ ସାନଭାଇର ପାଠପଢ଼ା ଦାୟିତ୍ୱ ମଧ୍ୟ ସେ ନିଜେ ସମ୍ଭାଳିଛନ୍ତି । ବ୍ୟବସାୟ ସମ୍ଭାଳିବା ସହ ଅଧାରୁ ଛାଡିଥିବା ପାଠକୁ ସମ୍ପୂର୍ଣ୍ଣ କରିବାକୁ ସେ ସଂକଳ୍ପବଦ୍ଧ । RSETI ମାଧ୍ୟମରେ ଜଗନଙ୍କ ଏହି ସଫଳତା ପାଇଁ ତାଙ୍କ ପରିବାର ଆନନ୍ଦିତ ।

# ଅପହଞ୍ଚ ଇଲାକାର ସକ୍ଷମ ଦମ୍ପତି
# ଫୁଲମତୀ ଓ ତ୍ରିନାଥ

ରାଜ୍ୟର ଜନଜାତି ଅଞ୍ଚଳରେ ଲୋକେ ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ବେଳେ **ନବରଙ୍ଗପୁର** ଜିଲ୍ଲାର ଗୋଟିଏ ଜନଜାତି ଦମ୍ପତି ଅନ୍ୟମାନଙ୍କୁ ବଞ୍ଚିବାର ନୂଆ ରାହା ଦେଖାଇଛନ୍ତି । କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ମାଝିଗୁଡ଼ା ଗାଁ'ର ଫୁଲମତୀ ଭଟ୍ଟ ଏବଂ ତାଙ୍କ ସ୍ୱାମୀ ତ୍ରିନାଥ ଭଟ୍ଟ ଛେଳି ପାଳନ କରି ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତ । ଏହି ଦମ୍ପତି ଭୂମିହୀନ ହୋଇଥିବା ବେଳେ ତାଙ୍କର ଏଭଳି କାର୍ଯ୍ୟ ସ୍ଥାନୀୟ ଲୋକଙ୍କୁ ରୋଜଗାରର ପନ୍ଥା ଦେଖାଇଛି । ଏଥିପାଇଁ ମହିଳା କିଶାନ ସଶକ୍ତିକରଣ ଯୋଜନା ଏବଂ ହର୍ସ ସଂସ୍ଥା ଫୁଲମତୀଙ୍କୁ ପ୍ରୋତ୍ସାହିତ କରିଛନ୍ତି ।

ସେହିଭଳି ଦେଖିବାକୁ ଗଲେ ଗାଁର ଅନ୍ୟ ମହିଳା ମାନଙ୍କୁ ଭୈରବୀ ଉତ୍ପାଦନକାରୀ ଗୋଷ୍ଠୀ ଏବଂ ଏମ୍‌କେଏସ୍‌ପି ଛେଳି ପାଳନ ଲାଗି ପୂର୍ଣ୍ଣ ସାହଯ୍ୟ କରୁଛି । ଫୁଲମତୀ ୨୦୧୫ ମସିହାରେ ଭୈରବୀ ଗ୍ରୁପରେ ଯୋଗଦେଇ ଛେଳି ପାଳନ ଲାଗି ପ୍ରଶିକ୍ଷଣ ନେଇ ଏବେ ନିଜେ ସ୍ୱାବଲମ୍ବୀ ହୋଇପାରିଛନ୍ତି । ମହିଳା କିଶାନ ସଶକ୍ତିକରଣ ଯୋଜନା ପୂର୍ବରୁ ଫୁଲମତୀ ଘର ଘର ବୁଲି ଚୁଡି ବିକ୍ରି କରୁଥିଲେ । ଏହା ଥିଲା ଫୁଲମତୀଙ୍କ ରୋଜଗାର କରିବାର ମୁଖ୍ୟ ପନ୍ଥା । ହେଲେ ତାଙ୍କ ସ୍ୱମୀ ତ୍ରିନାଥ ସବୁବେଳେ ଘରେ ବସି ରହୁଥିଲେ । ତେବେ ମହିଳା କିଶାନ ସଶକ୍ତିକରଣ ଯୋଜନାରେ ପ୍ରଥମେ ୩ଟି ଛେଳି ପାଳନ ଆରମ୍ଭ କରିଥିଲେ । ଏହା ହେବା ଫଳରେ ତ୍ରିନାଥ ଆଉ ଘରେ ନ ବସି ପାଖ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଉଛନ୍ତି ।

ହର୍ସ ଟ୍ରଷ୍ଟ ଏଥିପାଇଁ ଯୋଗ୍ୟତା ପର୍ଯ୍ୟାୟରେ ଛେଳି ପାଳନ ପାଇଁ ପ୍ରଥମେ ୧୩ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଛେଳି କିଣିବା ପୂର୍ବରୁ ଗରିବ ଚାଷୀ ପରିବାର ଗୁଡିକୁ ଟ୍ରଷ୍ଟ ପକ୍ଷରୁ ଛେଳି ପାଳନ ଏବଂ ପରିଚାଳନା ସଂପର୍କରେ ପ୍ରଶିକ୍ଷିତ କରା ଯାଉଥିଲା । ଏଥିପାଇଁ ହର୍ସ ଟ୍ରଷ୍ଟ, ଜାତୀୟ ଗ୍ରାମୀଣ ଜୀବିକା ମିସନ ଏବଂ ସାର ଦୋରାବଜୀ ଟାଟା ଟ୍ରଷ୍ଟ(ଏସ୍‌ଡିଟିଟି) ପୂର୍ଣ୍ଣ ମାତ୍ରାରେ ଏମ୍‌କେଏସ୍‌ପି ସହଯୋଗ କରିଥିଲେ । ଛେଳିଙ୍କ ଟିକାକରଣ ସଂପୂର୍ଣ୍ଣ ଦାୟିତ୍ୱ ପ୍ରାଣୀ ସଂପଦ ବିଭାଗ ନେଇଥାଏ । ସେହିଭଳି ବୀମା ଯୋଜନା କୋଷଗୁମୁଡା ବ୍ଲକ୍ ପ୍ରାଣୀ ସଂପଦ ବିଭାଗ ପ୍ରମୁଖ ଭୂମିକା ଗ୍ରହଣ କରୁଛି ।

ଫୁଲମତୀଙ୍କ ପରିବାରର ଜୀବନଶୈଳୀରେ ଏବେ ଉନ୍ନତି ହୋଇଛି । ପ୍ରଥମେ ଫୁଲମତୀ ୩ଟିରୁ ଛେଳି ପାଳନ ଆରମ୍ଭ କରିଥିଲେ । ବର୍ତ୍ତମାନ ଏହି ସଂଖ୍ୟା ବୃଦ୍ଧି ପାଇ ୮ରେ ପହଞ୍ଚିଛି । ଏଥିରେ ୬ଟି ମାଈ ଛେଳି ଥିବା ବେଳେ ୨ଟି ଅଣ୍ଡିରା ଅଛନ୍ତି । ଅପରପକ୍ଷରେ ଫୁଲମତୀ ମାଝିଗୁଡା ଗାଁରେ ସବୁଠାରୁ ଅଧିକ ଛେଳି ରଖିବାର ମାନ୍ୟତା ପାଇଛନ୍ତି । ଛେଳି ପାଳନ ସଂପର୍କରେ ଫୁଲମତୀ କହନ୍ତି "ଏହା ଏକ ଲାଭଦାୟକ କାମ । ଆଗାମୀ ଦିନରେ ୨ଟି ଛେଳି ୬ରୁ ୮ ମାସ ହୋଇଗଲେ ବିକ୍ରି କରି ୧୨ ହଜାର ଟଙ୍କା ପାଇବି" । ତାଙ୍କର ଏହି ନିଷ୍ଠାପର ଉଦ୍ୟମ ଅନ୍ୟ କେତେକ ଜନଜାତି ପରିବାରଙ୍କୁ ଉତ୍ସାହିତ କରିଛି ।



ଫୁଲମତୀ ଓ ତ୍ରିନାଥ ପାଳୁଥିବା ଛେଳିର ଯତ୍ନ ନେଉଛନ୍ତି

## ସୋମବାରୀଙ୍କ ଜଳଖିଆ ଦୋକାନ



**ଦେବଗଡ ଜିଲ୍ଲା ଅନ୍ତର୍ଗତ ବାରକୋଟ ବ୍ଲକ୍ ବଡ କୁଦର ଛକ ନିକଟରେ ସୋମବାରୀ ମହାକୁଡ ଜଳଖିଆ ଦୋକାନ କରିଛନ୍ତି । ସ୍ୱାମୀଙ୍କ ଦେହାନ୍ତ ପରେ ଅସହାୟା ହୋଇପଡିଥିବା ସୋମବାରୀଙ୍କ ଆଗକୁ ପଛକୁ କେହି ନଥିଲେ । ପେଟକୁ ଦାନା ଓ ଛୋଟ ପିଲାଙ୍କୁ ମଣିଷ କରିବା ଦାୟିତ୍ୱ କେମିତି ତୁଲାଇବେ ତାଙ୍କୁ ବାଟଘାଟ ଦିଶୁନଥିଲା । ଓଡିଶା ଜୀବିକା ମିଶନ ଓ ନିଜ ଗାଁର ଶିବ ପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲା । ନିଜର ନିଷ୍ଠା ଓ ଆନ୍ତରିକତା ବଳରେ ଜଳଖିଆ ଦୋକାନ କରି ସେ ଏବେ ଜଣେ ସମର୍ଥ ମହିଳା ।**

ସୋମବାରୀଙ୍କ ଦୋକାନରୁ ଯିଏ ଜଳଖିଆ ଖାଏ ତାଙ୍କ ପାଟିରୁ ଆପେ ଆପେ ବାହାରି ଆସେ ଆଃ କି ସ୍ୱାଦ । ଏହି ରାସ୍ତା ଦେଇ ଯାଉଥିବା ଲୋକେ ତାଙ୍କ ଦୋକାନରୁ ଜଳଖିଆ ଖାଇବାକୁ ବହୁତ ପସନ୍ଦ କରନ୍ତି । ଓଡିଶା ଜୀବିକା ମିଶନ ସହଯୋଗରେ ସୋମବାରୀ ମାଉସୀଙ୍କ ଜଳଖିଆ ଦୋକାନ ପ୍ରତିଷ୍ଠା ଅର୍ଜନ କରିପାରିଛି ।

ଛୋଟ ଚାଳିଆ ତଳେ ଗଢି ଉଠିଥିବା ଜଳଖିଆ ଦୋକାନର କାହ୍ନ ନାହିଁ । ସତ କହିବାକୁ ଗଲେ ଉଠା ଦୋକାନଟିଏ । ସଫା ସୁତରା ଦେଖି ସେଠାରେ ପଥଚାରୀଟିଏ ଘଡିଏ ଅଟକିଯାଏ । ସୋମବାରୀ ମାଉସୀ ଦୋକାନରେ ବରା, ପିଆଜି, ସିଙ୍ଗଡା ଏବଂ ଘୁଘୁନି ଭାରି ସୁଆଦିଆ । ସକାଳୁ ସନ୍ଧ୍ୟା ଯାଏଁ ସେ ଗ୍ରାହକଙ୍କ ମନ ନେଇ ଜଳଖିଆ ପରଷି ଚାଲିଥାନ୍ତି ।

ଓଡ଼ିଶା ଜୀବିକା ମିଶନ ସହାୟିକାଙ୍କ ପରାମର୍ଶ କ୍ରମେ ସେ ଶିବ ପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହେଲେ । ଏହି ଗୋଷ୍ଠୀକୁ ବ୍ୟାଙ୍କ୍ ଦେଇଥିବା ସହାୟତାରୁ ୧୦ ହଜାର ଟଙ୍କାର ଋଣ ଆଣି ଦୋକାନ ଆରମ୍ଭ କଲେ ସେ । ଏଥିସହ ସୋମବାରୀ ମାସକୁ ୪୦ ଟଙ୍କା ଗୋଷ୍ଠୀ ପାଣ୍ଠିରେ ସଞ୍ଚୟ କରୁଛନ୍ତି । ସେ ଦୈନିକ ୮ଶହ ରୁ ୯ଶହ ଟଙ୍କା ବେପାର କରନ୍ତି । ଦୋକାନ ସଉଦା ଖର୍ଚ୍ଚ ଯାଇ ୨ଶହ ରୁ ୩ଶହ ଟଙ୍କା ଲାଭ ପାଇଥାନ୍ତି । ସେହି ଟଙ୍କାରେ ସେ ଘର ଚଳେଇବା ସହ ଋଣ ପରିଶୋଧ ମଧ୍ୟ କରୁଛନ୍ତି । ଏହି ଜଳଖିଆ ଦୋକାନ ଉପାର୍ଜନରୁ ସେ ପରିବାର ପ୍ରତିପୋଷଣ ସହ ନିଜ ପିଲାମାନଙ୍କ ଭବିଷ୍ୟତ ମଧ୍ୟ ଗଢୁଛନ୍ତି । ଅନ୍ୟପକ୍ଷରେ ବ୍ୟାଙ୍କ୍ ମିତ୍ର, ଗୋଷ୍ଠୀ ଏବଂ ବ୍ଲକ୍‌ସ୍ତରରେ ଥିବା ଓଡ଼ିଶା ଜୀବିକା ମିଶନ ଅଧିକାରୀମାନେ ଭଲମନ୍ଦରେ ତାଙ୍କୁ ସହାୟତା ଯୋଗାଇ ଆସିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାନ୍ତି ସୋମବାରୀ ।

# ବିକାଶର ବାର୍ତ୍ତାବହ ମୋହନ



ମଣିଷ ତା'ର କର୍ତ୍ତବ୍ୟ ଓ ନିଷ୍ଠା ଲାଗି ସବୁଠାରେ ପ୍ରଶଂସିତ ହୋଇଥାଏ । **କୋରାପୁଟ** ଜିଲ୍ଲାର ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ହାତୀବାରି ଗାଁ'ର ମୋହନ ଦାସ ଜଣେ କର୍ତ୍ତବ୍ୟ ନିଷ୍ଠ ମାହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର 'ମେଟ୍' । ନନ୍ଦପୁର ମାଓ ଉଗ୍ରପନ୍ଥୀଙ୍କ ଗଡ଼ ରୂପେ ପରିଚିତ । ଉଗ୍ରବାଦୀ କାର୍ଯ୍ୟକଳାପ ଯୋଗୁଁ ଆଞ୍ଚଳିକ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ । ଏହି ପ୍ରତିକୂଳ ପରିସ୍ଥିତିରେ ମୋହନଙ୍କ ଭଳି ଜଣେ ଆଦିବାସୀ ଯୁବକ ନିଜ ଇଲାକାର ଉନ୍ନତି ପାଇଁ ସାହସର ସହ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ।

ମୋହନ ଦାସ ୨୦୧୨ରେ ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର 'ମେଟ' ଭାବେ ଯୋଗ ଦେଇଥିଲେ । ଏହାପରେ ସେହି ପଞ୍ଚାୟତର ୩୨ଟି ଗ୍ରାମର ଉନ୍ନୟନ ମୂଳକ କାର୍ଯ୍ୟରେ ନିଜକୁ ସାମିଲ କରିବା ସହ ଲୋକଙ୍କ ସମସ୍ୟା ଦୂର କରିପାରିଛନ୍ତି । ପ୍ରତ୍ୟକ କାମ କିପରି ସଫଳତାର ସହ ହୋଇପାରିବ ତାହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକଙ୍କ ସହ ହାତ ମିଳାଇ କାର୍ଯ୍ୟ ସମ୍ପାଦନ କରିଛନ୍ତି । ଏହି କାର୍ଯ୍ୟଧାରାରେ ମୋହନ ୧୪୧୯ ଜଣଙ୍କୁ ଜବ କାର୍ଡ ଦେବା ସହ ସେମାନଙ୍କୁ ବିଭିନ୍ନ ପ୍ରକଳ୍ପ କାମରେ ନିଯୋଜିତ କରିପାରିଛନ୍ତି । ସେହିଭଳି ୨୦୧୬-୧୭ ବର୍ଷରେ ୬ଟି ନଳକୂପ, ୪ଟି କଲଭର୍ଟ, ୫ଟି ବିଶ୍ରାମ ଘର ନିର୍ମାଣ କରିବା ସହ ୨ଟି ଅଙ୍ଗନୱାଡ଼ି କେନ୍ଦ୍ର ତିଆରିରେ ତାଙ୍କର ଯୋଗଦାନ ଉଲ୍ଲେଖନୀୟ । ଏଥିସହ ୪ଟି ସୁରକ୍ଷା କାନ୍ଥ, ୮ ଏକର ଜମିର ଉନ୍ନତି କରାଇବା ସହିତ ୨ଟି ଘାଟି ରାସ୍ତା, ୩ଟି ବନ୍ଧରେ ପଥର ପ୍ୟାକିଂ ଆଦି କାର୍ଯ୍ୟ ସଫଳତାର ସହ ସଂପୂର୍ଣ୍ଣ ସେ କରାଇଛନ୍ତି । ଏଥିମଧ୍ୟରୁ ୨୦୧୫-୧୬ରେ ଇନ୍ଦିରା ଆବାସ ଯୋଜନା ଓ ବିଜୁ ପକ୍କା ଘର ଯୋଜନାରେ ୨୦ଟି ବାସ ଗୃହ ନିର୍ମାଣରେ ତାଙ୍କର ଅବଦାନ ପ୍ରଶଂସନୀୟ । ମୋହନଙ୍କ ଅବଦାନ ଲାଗି ସେହି ବ୍ଲକ୍‌ର ହାତୀବାରି ପଞ୍ଚାୟତ ମହାତ୍ମା ଗାନ୍ଧି ନରେଗା କାର୍ଯ୍ୟକାରିତାରେ ଶ୍ରେଷ୍ଠ ପଞ୍ଚାୟତ ରୂପେ ପରିଗଣିତ ହୋଇଛି ।

ଜେଇ ଓ ଜିଟିଏଙ୍କ ପୂର୍ଣ୍ଣ ସହଯୋଗ ପାଇ ମୋହନଙ୍କ କୌଶଳ ଓ ଦକ୍ଷତାର ସଦୁପଯୋଗ ହୋଇପାରିଛି । ଏଥିସହ ମହାତ୍ମା ଗାନ୍ଧି ନରେଗାରେ ସଫଳତାର ସହ ସମସ୍ତ କାର୍ଯ୍ୟ ସଂପାଦନା କରିବା ପରେ ସ୍ୱଚ୍ଛ ଭାରତ ଅଭିଯାନ ଏବଂ ଘରକୁ ଘର ସ୍ୱଚ୍ଛତା କାର୍ଯ୍ୟକ୍ରମରେ ମୋହନ ନିଜକୁ ନିୟୋଜିତ କରିଛନ୍ତି । ସେହିପରି ସାମାଜିକ ସୁରକ୍ଷା ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ତାଙ୍କର ଉଦ୍ୟମ ବାସ୍ତବରେ ଅନୁକରଣୀୟ । ମହାତ୍ମା ଗାନ୍ଧି ନରେଗାର ନୋଡାଲ ଅଧିକାରୀ ଏବଂ ପଞ୍ଚାୟତିରାଜ ପ୍ରତିନିଧିମାନେ ମୋହନ ଦାସଙ୍କ ଏଭଳି ଜନହିତକର କାର୍ଯ୍ୟର ଭୂୟସୀ ପ୍ରଶଂସା କରିଛନ୍ତି । ମୋହନ ଆଗାମୀ ଦିନରେ ପଞ୍ଚାୟତସ୍ତରୀୟ ସମସ୍ତ ଯୋଜନାର କାର୍ଯ୍ୟକାରିତା ସକାଶେ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ଦୂର ହେଲା ଜଳ ସଙ୍କଟ



**କୋରାପୁଟ** ଜିଲ୍ଲା ସଦର ମହକୁମାରୁ ବହୁ ଦୂରରେ ଅବସ୍ଥିତ ଲମ୍ଚାପୁଟ ବ୍ଲକ୍ । ଅତ୍ୟନ୍ତ ଦୁର୍ଗମ ଅଂଚଳରେ ଥିବାରୁ ସେଠାକାର ଲୋକେ ଦୀର୍ଘ ବର୍ଷ ଧରି ଜଳକଷ୍ଟ ଜନିତ ସମସ୍ୟା ଭୋଗି ଆସୁଥିଲେ । ଏ ସବୁ ଅସୁବିଧାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ୨୦୧୫-୧୬ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧି ନରେଗା ଅଧିନରେ ଏକାଧିକ ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କଲେ । ଏଥି ସକାଶେ ବ୍ୟୟ ବରାଦ କରାଯାଇଥିବା ୧୨ କୋଟି ୭୦ ଲକ୍ଷ ଟଙ୍କାରେ ସ୍ଥାନୀୟ ଲୋକଙ୍କ ପାଇଁ ୪.୪୪ ଲକ୍ଷ କାର୍ଯ୍ୟଦିବସ ସୃଷ୍ଟି ହେଲା । ଜଳ ପ୍ରକଳ୍ପ ବ୍ୟତୀତ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ଅନ୍ୟାନ୍ୟ ଗଠନମୂଳକ କାର୍ଯ୍ୟ ମଧ୍ୟ ହାତକୁ ନେଲେ । ଲମଚାପୁଟ ବ୍ଲକର ଗ୍ରାମପଞ୍ଚାୟତ ଗୁଡିକ ଅବସ୍ଥାର ଉନ୍ନତି ପାଇଁ ମହାତ୍ମା ଗାନ୍ଧି ନରେଗା ମାଧ୍ୟମରେ ଗଭୀର କୂପ ଓ ରିଙ୍ଗ କୂପ ଖନନକୁ ଅଗ୍ରାଧିକାର ଦିଆଗଲା । ଖରାଦିନରେ ଜଳକଷ୍ଟ ଦୂର ହେବା ସହ ସ୍ଥାନୀୟ ଲୋକେ ଚାଷକାର୍ଯ୍ୟରେ ମଧ୍ୟ ସେହି ଜଳର ଉପଯୋଗ କଲେ ।

ପୂର୍ବରୁ ଗାଁ ଲୋକେ ଜଳ ପାଇଁ ଏକମାତ୍ର ନଳକୂପ ଉପରେ ନିର୍ଭର କରୁଥିଲେ । ଚଳିତ ଆର୍ଥିକ ବର୍ଷରେ ମନ୍ତ୍ରୀପୁଟ ଗ୍ରାମରେ ୪ଟି ରିଙ୍ଗ କୂପ ଖୋଳାଯିବା ଦ୍ୱାରା ଲୋକଙ୍କ ଜଳକଷ୍ଟ ଦୂର ହୋଇପାରିଛି । ପାଖାପାଖି ୧୦୦ ଶ୍ରମିକଙ୍କୁ ନେଇ ଏପ୍ରିଲ ମାସରୁ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏତଦ୍‌ବ୍ୟତୀତ ମରୁଡି ପ୍ରତିରୋଧ ପାଇଁ କେତେଗୁଡିଏ ଜଳସେଚନ ପ୍ରକଳ୍ପ ମଧ୍ୟ ହାତକୁ ନିଆଯାଇଥିଲା । ଶ୍ୟାମ ସୁନ୍ଦର ବଡନାୟକଙ୍କ ପୁଅ ଲକ୍ଷ୍ମଣ ବଡନାୟକ ଆଉ ଏକ ଜଳସେଚନ ପ୍ରକଳ୍ପର ଦାୟିତ୍ୱ ନେଇ ସଫଳତାର ସହ ତାହାକୁ କାର୍ଯ୍ୟକାରୀ କରାଇଲେ । ଗ୍ରାମପଞ୍ଚାୟତ ନୋଡାଲ ଅଫିସର ପ୍ରତିଟି କୂପ ଖନନ ପାଇଁ ୧ ଲକ୍ଷ ୪୦ ହଜାର ଟଙ୍କା ବିନିଯୋଗ କଲେ । ଏହି ଅଞ୍ଚଳରେ ଜବ୍‌କାର୍ଡ ହିତାଧିକାରୀଙ୍କ ସହାୟତାରେ ଏକାଧିକ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି । ଫଳରେ ୫ ଏକର ଜମି ଜଳସେଚିତ ହେବା ସଙ୍ଗେସଙ୍ଗେ ୫୫ଟି ପରିବାରର ୨୭୬ ଜଣ ଲୋକଙ୍କୁ ଜଳ ଯୋଗାଣ ସମ୍ଭବ ହୋଇପାରିଛି ।

ମହାତ୍ମା ଗାନ୍ଧି ନରେଗାରେ ମନ୍ତ୍ରୀପୁଟ ଗ୍ରାମରେ ଏହି ଉପଯୋଗୀ ଜଳ ଯୋଗାଣ ପ୍ରକଳ୍ପ କୋରାପୁଟ ଜିଲ୍ଲାର ଅନ୍ୟ ଉପାନ୍ତ ଗାଁ ଗୁଡିକ ପାଇଁ ଉଦାହରଣ ପାଲଟିଛି । ଗାଁ ଲୋକେ ଗଭୀର କୂପ ଓ ରିଙ୍ଗ କୂପ ଖୋଳିବା ସଙ୍ଗେସଙ୍ଗେ ଏବେ ଗାଁ ନିକଟସ୍ଥ ଜଳ ଉତ୍ସ ଗୁଡିକର ରକ୍ଷଣାବେକ୍ଷଣ କାର୍ଯ୍ୟ ମଧ୍ୟ ହାତକୁ ନେଇଛନ୍ତି ।



ରିଙ୍ଗ୍ କୂପ ନିର୍ମାଣ

# ଅଂଶୁଘାତର ପ୍ରତିକାର; କିଛି ଜାଣିବା କଥା



ଗତ କିଛି ଦିନ ହେଲା ଦାରୁଣ ନିଦାଘର ତାଣ୍ଡବ ଦେଖିବାକୁ ମିଳୁଛି ସାରା ରାଜ୍ୟରେ । ପ୍ରଚଣ୍ଡ ରୌଦ୍ର ତାପ ସହ ଅସହ୍ୟ ଗୁଳୁଗୁଳି ସମଗ୍ର ଜନଜୀବନକୁ କରିଛି ଅସ୍ତବ୍ୟସ୍ତ । ରାଜ୍ୟର ଅଧିକାଂଶ ସହରରେ ପାରଦ ୪୦ ଡିଗ୍ରୀ ଉପରେ ରହିଛି । ତାଳଚେର, ଅନୁଗୋଳ, ଝାରସୁଗୁଡ଼ା, ବଲାଙ୍ଗିର, ସୁନ୍ଦରଗଡ଼, ତିତିଲାଗଡ଼ ଆଦି ଖଣିଖାଦାନ ଥିବା ଅଞ୍ଚଳରେ ଅଧିକ ଗରମ ଅନୁଭୂତ ହେଉଥିବାବେଳେ ଉପକୂଳ ଓଡିଶାରେ ଅପେକ୍ଷାକୃତ କମ୍ ଗରମ ଅନୁଭୂତ ହେଉଛି ।

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବିଦ୍ୟାଳୟଗୁଡ଼ିକୁ ଛୁଟି କରିଦିଆଯାଇଛି । ସେହିଭଳି ଶ୍ରମଜୀବିଙ୍କ କାର୍ଯ୍ୟ ନିର୍ଘଣ୍ଟରେ ପରିବର୍ତ୍ତନ ଅଣାଯାଇଛି । ଦିନ ୧୧ଟା ଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାମ ବନ୍ଦ କଟକଣା ଲାଗୁ ହୋଇଛି । ଗ୍ରାମଠାରୁ ସହର ଯାଏଁ ବିଭିନ୍ନ ଛକ ସ୍ଥାନମାନଙ୍କରେ ଜଳଛତ୍ର ଖୋଲାଯାଇଛି । ଏ କ୍ଷେତ୍ରରେ ଉଭୟ ସରକାରୀ ଓ ବେସରକାରୀ ସଂଗଠନ ସହାୟତାର ହାତ ବଢ଼ାଇଛନ୍ତି ।

ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ଜରୁରୀ ଆବଶ୍ୟକତା ନଥିଲେ ପଦାକୁ ନବାହାରିବା ପାଇଁ ସତର୍କ ସୂଚନା ଦିଆଯାଇଛି । ଅଂଶୁଘାତରେ ଜୀବନହାନି ଘଟୁଥିବାରୁ ସେଥିରୁ ମୁକ୍ତି ପାଇବା ପାଇଁ ଆମେ ଏ ସଂଖ୍ୟାରେ କିଛି ଉପଯୋଗୀ ତଥ୍ୟ ଉପସ୍ଥାପନ କରୁଛୁ ।

ପ୍ରଥମେ ଆମେ ଜାଣିନେବା କଣ କଲେ ଅଂଶୁଘାତକୁ ଟାଳି ଦେଇ ହେବ । ଆମ ଶରୀର ଜଳରେ ଗଢା । ତେଣୁ ଦେହରୁ ଜଳୀୟଅଂଶ କମିଗଲେ ମୁଣ୍ଡ ବୁଲାଇବା, ବାନ୍ତି, ଝାଡା, ଦୁର୍ବଳତା ଆଦି ଶାରୀରିକ ବିଲକ୍ଷଣ ଦେଖାଦେଇଥାଏ । ଖରାଦିନେ ଜଳୀୟଅଂଶର ଅଭାବରୁ ଅଂଶୁଘାତ କବଳରେ ପଡି ମୃତ୍ୟୁ ଲଭିବାର ଆଶଙ୍କା ରହିଛି । ତେଣୁ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ପ୍ରଚୁର ପରିମାଣରେ ପାଣି, ତୋରାଣି, ବେଲପଣା, ଘୋଳଦହି କିମ୍ବା ଲେମ୍ବୁ ସରବତ ପିଅନ୍ତୁ । ବାହାରକୁ ଗଲାବେଳେ ସାଙ୍ଗରେ ପାଣି ବୋତଲ ନେଇ ଯାଆନ୍ତୁ । ଘରୁ ପଦାକୁ ଗଲାବେଳେ ମୁଣ୍ଡକୁ ଓଦା ଗାମୁଛାରେ ବାନ୍ଧିବା ସଙ୍ଗେସଙ୍ଗେ ଛତା, ଚପଲ, କଳାଚଷମା ବ୍ୟବହାର କଲେ ଅଂଶୁଘାତରୁ ନିଜକୁ ସୁରକ୍ଷିତ ରଖିହେବ ।

ଖରାଦିନେ ହାଲକା ରଙ୍ଗର ସୂତା ପୋଷାକ ପିନ୍ଧିଲେ ନିଜକୁ ଆରାମ ଲାଗିବା ସହ ସ୍ୱେଦ ନିର୍ଗତ ହୋଇ ଚର୍ମ ରୋଗର ସମ୍ଭାବନା ଅନେକାଂଶରେ କମିଯିବ । ଘରେ ଟିଣ ବା ଆଜବେଷ୍ଟସ୍ ଛାତ ଥିଲେ ତାହା ସୂର୍ଯ୍ୟକିରଣକୁ ବହୁ ସମୟ ପର୍ଯ୍ୟନ୍ତ ଧରି ରଖେ । ଫଳରେ କାମସାରି ରାତିରେ ଘରକୁ ଫେରିଲେ ସେଭଳି ଘରେ ଶୋଇବା ଏକରକମ ଅସମ୍ଭବ ହୋଇପଡେ । ଟିଣ ବା ଆଜବେଷ୍ଟସ ଛାତ ଉପରେ ନଡା ବିଛାଇଦେଲେ ସୂର୍ଯ୍ୟକିରଣ ଆଉ ସିଧାସଳଖ ଘର ଉପରେ ପଡେ ନାହିଁ । ପୂର୍ବାପେକ୍ଷା ଘର ଭିତର ଥଣ୍ଡା ଜଣାପଡେ । ଖରାରେ କୌଣସି କାମ କଲେ ସାଧାରଣତଃ ଆମେ ଥକି ପଡୁ । ଏଭଳି ପରିସ୍ଥିତିରେ ତୁରନ୍ତ ଛାଇ ଓ ପବନ ଚଳାଚଳ ସ୍ଥାନ କିମ୍ବା ଗଛମୂଳେ ବିଶ୍ରାମ କରନ୍ତୁ । ଦେହରୁ ଅଧିକ ସ୍ୱେଦ ନିର୍ଗତ ହେଲେ କିମ୍ବା ପାଟି ଅଠାଅଠା ଲାଗିଲେ ଅଂଶୁଘାତର ଉପକ୍ରମ ହେଲା ବୋଲି ଜଣାପଡେ । ଏଭଳି ଅବସ୍ଥା ସମ୍ମୁଖୀନ ହେବା ମାତ୍ରେ ସଂପୃକ୍ତ ଲୋକକୁ ପ୍ରଚୁର ପରିମାଣରେ ଓଆର୍ଏସ୍ ପାଣି ପିଇବାକୁ ଦେବା ସହ ତୁରନ୍ତ ଡାକ୍ତରଖାନା ନେବାର ବ୍ୟବସ୍ଥା କରନ୍ତୁ । ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଜିଲ୍ଲାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପଖଣ୍ଡ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ ଖୋଲାଯାଇଛି ।

ଅଂଶୁଘାତରୁ ରକ୍ଷା ପାଇବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ କେତେକ ମହତ୍ତ୍ୱପୂର୍ଣ୍ଣ ସୂଚନା ଦିଆଯାଇଛି ।

ଦିନ ୧୧ଟାରୁ ୩ଟା ଯାଏଁ ଟାଣ ଖରାରେ ପଦାକୁ ବାହାରିବା ପାଇଁ ବାରଣ କରାଯାଇଛି । ମାଦକ ଦ୍ରବ୍ୟ ଆଦି ସେବନ ମଧ ନିଷେଧ । ଅଧିକ ଖରା ସମୟରେ ନିଆଁ ପାଖରେ ରହି ରୋଷେଇ ନକରିବା ଉଚିତ । ଏହା ଫଳରେ ମାତ୍ରାଧିକ ଗରମଜନିତ ପୀଡା ଏବଂ ଘରପୋଡି ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ଏଡାଇ ଯାଇପାରିବେ । ବୃଦ୍ଧ, ଅସୁସ୍ଥ ଲୋକ, ଶିଶୁ, ଗର୍ଭବତୀ ମହିଳା, ରକ୍ତଚାପ କିମ୍ବା ମଧୁମେହରେ ପୀଡିତ ବ୍ୟକ୍ତି ଟାଣ ଖରାରେ ପଦାକୁ ବାହାରିଲେ ଅଂଶୁଘାତ କବଳରେ ପଡିବାର ସମ୍ଭାବନା ଅଧିକ ।



## ପଢ଼ନ୍ତୁ, ଜାଣନ୍ତୁ ଓ ମତାମତ ଦିଅନ୍ତୁ

ପ୍ରଶାସନକୁ ଜନସାଧାରଣଙ୍କ ନିକଟତର କରିବା ସହ ସରକାରଙ୍କ ଲୋକହିତକର କାର୍ଯ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ତରଫରୁ ୨୦୧୬ ନଭେମ୍ବର ୧ ତାରିଖରୁ ସାପ୍ତାହିକ ପତ୍ରିକା 'ଓଡ଼ିଶା ପଞ୍ଚାୟତ ସମାଚାର' ପ୍ରକାଶ ପାଉଛି । ଏହି ପତ୍ରିକାକୁ ପଲ୍ଲୀସଭା, ଗ୍ରାମସଭା ଓ ଗ୍ରାମପଞ୍ଚାୟତ ବୈଠକରେ ପଠନ କରାଯିବା ପାଇଁ ସରକାରୀ ଅଧିକାରୀ ଓ ସରପଞ୍ଚମାନଙ୍କୁ ପରାମର୍ଶ ଦିଆଯାଉଛି । ପ୍ରତ୍ୟେକ ମାସ ୧୫ ତାରିଖରେ ପଞ୍ଚାୟତ ପରିସରରେ ଭତ୍ତା ବଣ୍ଟନ ସମୟରେ ମଧ ଜନସାଧାରଣଙ୍କୁ ସଚେତନ କରିବା ନିମନ୍ତେ 'ଓଡ଼ିଶା ପଞ୍ଚାୟତ ସମାଚାର'ରେ ପ୍ରକାଶିତ ବିଷୟବସ୍ତୁ ପଠନ କରାଯାଇପାରେ । ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସମସ୍ତ ପଦାଧିକାରୀ 'ଓଡ଼ିଶା ପଞ୍ଚାୟତ ସମାଚାର' ନିୟମିତ ପଠନ କରି ନିଜର ସୁଚିନ୍ତିତ ମତାମତ ଦେବାକୁ ଅନୁରୋଧ ।

### ଖଣ୍ଡଗିରି-ଉଦୟଗିରି

# ପ୍ରତିଷ୍ଠା ହେବ ଗାନ୍ଧି ଶାନ୍ତି କେନ୍ଦ୍ର




ଖଣ୍ଡଗିରି-ଉଦୟଗିରିରେ ଶାଶ୍ୱତ ଗାନ୍ଧି ଶାନ୍ତି କେନ୍ଦ୍ର ପ୍ରତିଷ୍ଠା ପାଇଁ ଆଦିତ୍ୟ ବିର୍ଲା ଗ୍ରୁପ୍ ସହ ଚୁକ୍ତିନାମା

ଓଡ଼ିଶାର ଅନ୍ୟାନ୍ୟ ଐତିହାସିକ ସ୍ଥଳ ଏବଂ ପର୍ଯ୍ୟଟନ କେନ୍ଦ୍ର ତୁଳନାରେ ଭୁବନେଶ୍ୱର ସ୍ଥିତ ଖଣ୍ଡଗିରି ଓ ଉଦୟଗିରି ଜୈନଗୁମ୍ଫାର ପରିଚୟ ସ୍ୱତନ୍ତ୍ର । ଆଗକୁ ଖଣ୍ଡଗିରି ଓ ଉଦୟଗିରି ବୁଲିବାକୁ ଆସି ପର୍ଯ୍ୟଟକମାନେ ଆମର ଐତିହ୍ୟ ଓ ଭାସ୍କର୍ଯ୍ୟକୁ ଉପଭୋଗ କରିବା ସହ ମହାତ୍ମା ଗାନ୍ଧିଙ୍କ ସମ୍ପର୍କରେ ବି ବହୁ କିଛି ତଥ୍ୟ ଜାଣିବାକୁ ପାଇବେ । ଏହି ଉଦ୍ଦେଶ୍ୟରେ ଖଣ୍ଡଗିରି ଉଦୟଗିରି ବ୍ୟାଖ୍ୟାନ କେନ୍ଦ୍ରଠାରେ ପ୍ରତିଷ୍ଠା ହେବାକୁ ଯାଉଛି ଶାଶ୍ୱତ ଗାନ୍ଧି ଶାନ୍ତି କେନ୍ଦ୍ର । ଏହାର ପରିଚାଳନା ଦାୟିତ୍ୱ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଦିତ୍ୟ ବିର୍ଲା ଗ୍ରୁପ୍‌କୁ ଦିଆଯାଇଛି ।

ବିର୍ଲା ଗ୍ରୁପ ଏହି ୫ ଏକର ପରିମିତ ଜମିରେ ପ୍ରତିଷ୍ଠିତ ବ୍ୟାଖ୍ୟାନ କେନ୍ଦ୍ରରେ ଗାନ୍ଧି ସଂଗ୍ରହାଳୟ ପ୍ରତିଷ୍ଠା କରିବ । ସେଠାରେ ଗାନ୍ଧିଜୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ସହ ମଲ୍‌ଟି ମିଡିଆ ବ୍ୟବସ୍ଥା ମଧ୍ୟ ରହିବ । ଏହା ମାଧ୍ୟମରେ ଗାନ୍ଧିଜୀଙ୍କ ନୀତି, ସତ୍ୟ, ଅହିଂସା, ଆଦର୍ଶ ତଥା ଜୈନ ଧର୍ମ ନୀତି ଉପସ୍ଥାପିତ ହେବ। ସେହିପରି ପର୍ଯ୍ୟାୟକ୍ରମେ ଅହିଂସା ଆଧାରିତ ବକ୍ତୃତାମାଳା ତଥା ବିଶିଷ୍ଟ ଶିଳ୍ପୀଙ୍କ ଦ୍ୱାରା ଗାନ୍ଧି ଭଜନ ପରିବେଷଣ କରାଯିବ। ଓଡ଼ିଶା ସରକାର ଓ ବିର୍ଲା ମ୍ୟାନେଜମେଣ୍ଟ କର୍ପୋରେସନ୍‌ର ମିଳିତ ଉଦ୍ୟମରେ ଏହି କେନ୍ଦ୍ର ପରିଚାଳିତ ହେବ। ୧୫ ବର୍ଷ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅବ୍ୟାହତ ରହିବ ।

ଶାଶ୍ୱତ ଗାନ୍ଧି ଶାନ୍ତି କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ଖଣ୍ଡଗିରି-ଉଦୟଗିରିକୁ ଭାରତୀୟ ତଥା ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ଏବଂ ଏହା ମାଧ୍ୟମରେ ଗାନ୍ଧି ନୀତି ଓ ମୂଲ୍ୟବୋଧର ପ୍ରଚାର ହୋଇପାରିବ ବୋଲି ଆଶା କରୁଛନ୍ତି ଓଡ଼ିଶା ସରକାର । ଗାନ୍ଧିଜୀଙ୍କ ଓଡ଼ିଶାଗସ୍ତ ପରିପ୍ରେକ୍ଷୀରେ ସମସ୍ତ ରହଣି ସ୍ଥଳକୁ ବିକଶିତ କରାଯିବା ସହ ସେଠାରେ ଗାନ୍ଧି ସର୍କିଟର ପରିକଳ୍ପନାକୁ ଏହି ଶାଶ୍ୱତ ଗାନ୍ଧି ଶାନ୍ତି କେନ୍ଦ୍ର ବାସ୍ତବ ରୂପାୟନ କରିବ ।



ପ୍ରସ୍ତାବିତ ଶାଶ୍ୱତ ଗାନ୍ଧି ଶାନ୍ତି କେନ୍ଦ୍ରର ଆମ୍ଫିଥିଏଟର୍

# ମଧ୍ୟାହ୍ନ ଭୋଜନରେ ସ୍ୱଚ୍ଛତା ପାଇଁ ଆପ୍

ଦୈନିକ ମଧ୍ୟାହ୍ନଭୋଜନ ବ୍ୟବସ୍ଥା, ସାପ୍ତାହିକ ଲୌହଯୁକ୍ତ ବଟିକା ବଣ୍ଟନ ଏବଂ ପାଚିକା ତଥା ସହାୟିକାଙ୍କ ମାସିକ ଉପସ୍ଥାନ ସମ୍ପର୍କରେ ଏମ୍‌ଡ଼ିଏମ୍ ଓଡ଼ିଶା ଆପ୍ ମାଧ୍ୟମରେ ଯାଞ୍ଚ କରାଯିବ । ତଥ୍ୟ ପ୍ରଦାନରେ ଅବହେଳା ହେଲେ ଏସ୍‌ଏମଏସ୍ ମାଧ୍ୟମରେ ସତର୍କ କରାଇ ଦିଆଯିବ । ଦୈନିକ ଓ ମାସିକ ସମୀକ୍ଷାରେ ଏହା ସହାୟକ ହେବ । ବିଦ୍ୟାଳୟ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ନିଜ ପଞ୍ଜିକୃତ ମୋବାଇଲରେ ଏସ୍‌ଏମଏସ୍ ଜରିଆରେ ଏ ସଂକ୍ରାନ୍ତ ତଥ୍ୟ ପଠାଇବେ ।

## ପଦ୍ଧତି

୧୫୫୪୪କୁ ଏସ୍‌ଏମଏସ୍ ମାଧ୍ୟମରେ ତଥ୍ୟ ପ୍ରେରଣ ।

ମଧ୍ୟାହ୍ନ ଭୋଜନ ପରିବେଷଣ କରାଯାଇଥିଲେ-
MDMDODI M999Y888

ମଧ୍ୟାହ୍ନ ଭୋଜନ ଦିଆଯାଇନଥିଲେ-
MDMDODI M999N9

ଯେଉଁଥିରେ କି - ୯୯୯ - ବିଦ୍ୟାଳୟରେ ଉପସ୍ଥିତ ଥିବା ମୋଟ୍ ଛାତ୍ର ଛାତ୍ରୀଙ୍କ ସଂଖ୍ୟା

- ୮୮୮ - କେତେ ସଂଖ୍ୟକ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଇଲେ

-୯- କେଉଁ କାରଣରୁ ମଧ୍ୟାହ୍ନ ଭୋଜନ ଦିଆଗଲା ନାହିଁ

ମଧ୍ୟାହ୍ନ ଭୋଜନ ଦିଆନଯିବାର କାରଣ

୧) ପାଣି ଅଭାବ
୨) ଖାଦ୍ୟଶସ୍ୟ ଅଭାବ
୩) ଜାଳେଣି ଅଭାବ
୪) ପାଚିକା ଓ ସହାୟିକାଙ୍କ ଅନୁପସ୍ଥିତି
୫) ଅଦାଲତରେ ମାମଲା
୬) ପ୍ରାକୃତିକ ବିପର୍ଯ୍ୟୟ
୭) ଦାୟିତ୍ୱରେ ଥିବା ଏଜେନ୍ସିର ସେବା ପ୍ରଦାନରେ ଅବହେଳା

## ଓଡ଼ିଶା ପଞ୍ଚାୟତ ସମାଚାର

GET IT ON Google Play

### ପଢ଼ିବା ଶୁଣିବା ଦେଖିବା

ଓଡ଼ିଶା ପଞ୍ଚାୟତ ସମାଚାରରେ କିଛି କାହାଣୀ ଓ ସୂଚନା ସମ୍ପର୍କିତ ଭିଡ଼ିଓ ଅପ୍‌ଲୋଡ୍ ହୋଇ ତହିଁର QR Code ପ୍ରକାଶ କରାଯାଉଛି । ସ୍ମାର୍ଟ ଫୋନ୍‌ରେ ଏହା ଦେଖିବା ପାଇଁ Play Storeରୁ QR Reader App. ଡାଉନଲୋଡ କରନ୍ତୁ । ବିଭିନ୍ନ ପୃଷ୍ଠାରେ ପ୍ରଦତ୍ତ ଏଭଳି କୋଡ୍‌କୁ ସ୍କାନ୍ କଲାବେଳେ ସୃଷ୍ଟି ହେଉଥିବା Linkକୁ କ୍ଲିକ୍ କରନ୍ତୁ । ଏହାଦ୍ୱାରା ଆପଣ ନିଜ ସ୍ମାର୍ଟ ଫୋନ୍‌ରେ ଭିଡିଓ ଦେଖିପାରିବେ ।

**ଅନୁଗୋଳ ଜିଲ୍ଲାର ଆଦର୍ଶ ଗାଁ ତୁମୁଣିର ଭିଡିଓ ପାଇଁ ଏହି QR Code ସ୍କାନ୍ କରନ୍ତୁ**

### କୁଇଜ୍

ଓଡ଼ିଶା ପଞ୍ଚାୟତ ସମାଚାରର ପ୍ରତି ସଂସ୍କରଣରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସମ୍ପର୍କରେ ନିଜର ସାଧାରଣ ଜ୍ଞାନ ପରୀକ୍ଷା ପାଇଁ ଏଭଳି ୫ଟି ପ୍ରଶ୍ନ ସମ୍ବଳିତ କୁଇଜ୍ ପ୍ରକାଶ ପାଉଛି । ପାଠକଙ୍କୁ ଅନୁରୋଧ ସେମାନେ ପ୍ରତ୍ୟେକ ପ୍ରଶ୍ନ ପାଇଁ ଦିଆଯାଇଥିବା ୪ଟି ଉତ୍ତର ମଧ୍ୟରୁ କେଉଁଟି ଠିକ୍, ତାହା ନିର୍ଣ୍ଣୟ କରି ତଳେ ପ୍ରଦତ୍ତ ସଠିକ୍ ଉତ୍ତର ସହ ମିଳାଇଲେ ନିଜର ସାଧାରଣ ଜ୍ଞାନ ପରଖି ପାରିବେ ।

**୧. ଗ୍ରାମ ଯୋଜନା ପ୍ରସ୍ତୁତିରେ 'ପରିସ୍ଥିତି ଆକଳନ' ନିମ୍ନୋକ୍ତ କେଉଁ ବିଷୟ ସହ ସମ୍ପୃକ୍ତ ?**

(କ) ସମିତି ବୈଠକ (ଖ) ଗ୍ରାମପଞ୍ଚାୟତ ବିକାଶ ଯୋଜନା

(ଗ) ପାଣି ପଞ୍ଚାୟତ (ଘ) କେଉଁଟି ବି ନୁହେଁ

**୨. ନିମ୍ନଲିଖିତ କେଉଁ ବିଷୟଟିକୁ ଗ୍ରାମପଞ୍ଚାୟତ 'ବ୍ୟୟବିହୀନ ବିକାଶ' ଧାରାରେ କାର୍ଯ୍ୟକାରୀ କରିପାରିବ ?**

(କ) କଲ୍ୟାଣ ମଣ୍ଡପ ନିର୍ମାଣ (ଖ) ମାଛ ଚାଷ (ଗ) ନିଶାମୁକ୍ତ ଗ୍ରାମପଞ୍ଚାୟତ

(ଘ) ରାସ୍ତା ନିର୍ମାଣ

**୩. ଗ୍ରାମପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତି ସମୟରେ କେଉଁ ବିଷୟିକୁ ବିଚାରକୁ ନିଆଯିବ ?**

(କ) ଅର୍ଥ କମିଶନ ଅନୁଦାନ (ଖ) ସମବାୟ ସମିତି (ଗ) ବ୍ୟାଙ୍କ ଋଣ (ଘ) କୋଠ ପାଣ୍ଠି

**୪. ଗ୍ରାମପଞ୍ଚାୟତ ବିକାଶ ଯୋଜନା ପରିପ୍ରେକ୍ଷୀରେ ବ୍ଲକସ୍ତରୀୟ ସଂଯୋଜନା କମିଟିର ଆବାହକ ସଦସ୍ୟ କିଏ ?**

(କ) ଜିପିଇଓ (ଖ) ପିଏ (ଗ) ଜେଇ (ଘ) ବିଡିଓ

**୫. ଗ୍ରାମପଞ୍ଚାୟତ ବିକାଶ ଯୋଜନାଧୀନ ପ୍ରକଳ୍ପ ଗୁଡିକ ସମ୍ବନ୍ଧରେ ସୂଚନା ପ୍ରଦାନ ପାଇଁ ଅନ୍‌ଲାଇନରେ କେଉଁ ସଫ୍ଟୱେରକୁ ଉପଯୋଗ କରାଯାଇଛି ?**

(କ) ପ୍ଲାନପ୍ଲସ (ଖ) ପ୍ରିୟାସଫ୍ଟ (ଗ) ପାମିସ୍ (ଘ) କେଉଁଟି ବି ନୁହେଁ

**ଉତ୍ତର** [illegible]

## ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ (SIRD&PR) ପକ୍ଷରୁ ବିଭିନ୍ନ ସ୍ଥାନରେ ଜୁନ୍ ମାସର ପ୍ରଶିକ୍ଷଣ ସୂଚନା

| ବିଷୟ | ଅଂଶଗ୍ରହଣକାରୀ | ଅବଧି | ତାରିଖ | ସ୍ଥାନ |
|---|---|---|---|---|
| ପ୍ରାରମ୍ଭିକ ତଥା ଗ୍ରାମପଞ୍ଚାୟତ ବିକାଶ ଯୋଜନା | କଳାହାଣ୍ଡିର ୩୮ ଜଣ ଓ ଝାରସୁଗୁଡ଼ାର ୯ ଜଣ ଜିଲ୍ଲାପରିଷଦ ସଦସ୍ୟ | ୨ଦିନ | ୦୨ରୁ ୦୩ | ଏସ୍‌ଆଇଆର୍‌ଡି ଆଣ୍ଡ ପିଆର୍, ଭୁବନେଶ୍ୱର |
| ଲିଙ୍ଗଗତ ସମ୍ବେଦନଶୀଳତା ଭିତ୍ତିକ ଗ୍ରାମପଞ୍ଚାୟତ ବିକାଶ ଯୋଜନା ମଡ୍ୟୁଲ୍‌ର ପରୀକ୍ଷଣ | ସମ୍ବଳ ବ୍ୟକ୍ତି ଏବଂ ପଞ୍ଚାୟତିରାଜ ପ୍ରତିନିଧି | ୩ଦିନ | ୦୭ରୁ ୦୯ | ଏସ୍‌ଆଇଆର୍‌ଡି ଆଣ୍ଡ ପିଆର୍, ଭୁବନେଶ୍ୱର |
| ପ୍ରାରମ୍ଭିକ ତଥା ଗ୍ରାମପଞ୍ଚାୟତ ବିକାଶ ଯୋଜନା | କନ୍ଧମାଳର ୧୮ ଜଣ ଓ କେନ୍ଦ୍ରପଡ଼ାର ୩୨ ଜଣ ଜିଲ୍ଲାପରିଷଦ ସଦସ୍ୟ | ୨ଦିନ | ୦୮ରୁ ୦୯ | ଏସ୍‌ଆଇଆର୍‌ଡି ଆଣ୍ଡ ପିଆର୍, ଭୁବନେଶ୍ୱର |
| ପ୍ରାରମ୍ଭିକ ତଥା ଗ୍ରାମପଞ୍ଚାୟତ ବିକାଶ ଯୋଜନା | ଖୋର୍ଦ୍ଧାର ୩୦ ଜଣ ଓ କୋରାପୁଟର ୨୯ ଜଣ ଜିଲ୍ଲାପରିଷଦ ସଦସ୍ୟ | ୨ଦିନ | ୨୦ରୁ ୨୧ | ଏସ୍‌ଆଇଆର୍‌ଡି ଆଣ୍ଡ ପିଆର୍, ଭୁବନେଶ୍ୱର |
| ଲିଙ୍ଗଗତ ସମ୍ବେଦନଶୀଳତା ଭିତ୍ତିକ ପଞ୍ଚାୟତ ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା | ଢେଙ୍କାନାଳର ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀ | ୧ଦିନ | ୨୧ | ଡିଆର୍‌ଡିଏ, ଢେଙ୍କାନାଳ |
| ପରିମଳ ଓ ଜୀବିକା ଜରିଆରେ ଗ୍ରାମ୍ୟ ସମୃଦ୍ଧି | ସୋନପୁର ଜିଲ୍ଲାର ସରପଞ୍ଚମାନେ | ୧ଦିନ | ୨୩ | ଡିଆର୍‌ଡିଏ, ସୋନପୁର |
| ପ୍ରାରମ୍ଭିକ ତଥା ଗ୍ରାମପଞ୍ଚାୟତ ବିକାଶ ଯୋଜନା | କେନ୍ଦୁଝରର ୩୭ ଜଣ ଓ ମାଲକାନାଗିରିର ୧୫ ଜଣ ଜିଲ୍ଲାପରିଷଦ ସଦସ୍ୟ | ୨ଦିନ | ୨୩ ରୁ ୨୪ | ଏସ୍‌ଆଇଆର୍‌ଡି ଆଣ୍ଡ ପିଆର୍, ଭୁବନେଶ୍ୱର |
| ଲିଙ୍ଗଗତ ସମ୍ବେଦନଶୀଳତା ଭିତ୍ତିକ ଗ୍ରାମପଞ୍ଚାୟତ ବିକାଶ ଯୋଜନା | ଏସ୍‌ଆଇଆର୍‌ଡି ଆଣ୍ଡ ପିଆର୍‌ର ପଞ୍ଜିକୃତ ସମ୍ବଳ ବ୍ୟକ୍ତି | ୩ଦିନ | ୨୨ ରୁ ୨୪ | ଏସ୍‌ଆଇଆର୍‌ଡି ଆଣ୍ଡ ପିଆର୍, ଭୁବନେଶ୍ୱର |
| ଲିଙ୍ଗଗତ ସମ୍ବେଦନଶୀଳତା ଭିତ୍ତିକ ଗ୍ରାମପଞ୍ଚାୟତ ବିକାଶ ଯୋଜନା | ଏସ୍‌ଆଇଆର୍‌ଡି ଆଣ୍ଡ ପିଆର୍‌ର ପଞ୍ଜିକୃତ ସମ୍ବଳ ବ୍ୟକ୍ତି | ୩ଦିନ | ୨୮ ରୁ ୩୦ | ଏସ୍‌ଆଇଆର୍‌ଡି ଆଣ୍ଡ ପିଆର୍, ଭୁବନେଶ୍ୱର |

Chief Advisor : Pradeep Maharathy, Hon'ble Minister, Panchayati Raj & Drinking Water.
Advisor : Deoranjan Kumar Singh, IAS, Commissioner-cum-Secretary
Editor : S N Girish, IAS, Director, SIRD & PR
Contents Editing & Presentation : Sankalp Sankalp, Bhubaneswar - 751001, e-mail : sankalptv@gmail.com

ମୁଖ୍ୟ ଉପଦେଷ୍ଟା : ପ୍ରଦୀପ ମହାରଥୀ, ମାନ୍ୟବର ମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟଜଳ
ଉପଦେଷ୍ଟା : ଦେଓରଞ୍ଜନ କୁମାର ସିଂହ, ଭାପ୍ରସେ, କମିଶନର ତଥା ଶାସନ ସଚିବ
ସମ୍ପାଦକ : ଏସ୍ ଏନ୍ ଗିରୀଶ, ଭାପ୍ରସେ, ନିର୍ଦ୍ଦେଶକ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ
ବାର୍ତ୍ତା ସମ୍ପାଦନା, ଅଳଙ୍କରଣ ଓ ଉପସ୍ଥାପନା: Sankalp ସଂକଳ୍ପ, ଭୁବନେଶ୍ୱର-୭୫୧୦୦୧, ଇ-ମେଲ୍ : sankalptv@gmail.com

Editorial Board : Pranabjyoti Nath, IAS, Director, OLM, Hemant Kumar Padhi, Director, Panchayati Raj, Manas Ranjan Debata, Joint Secy., Saroj Kumar Dash, Dy. Director, SIRD & PR
Printed and Published by S N Girish on behalf of State Institute for Rural Development & Panchayati Raj, Unit-8, Bhubaneswar-751012, Dist.-Khordha, Odisha and Printed at Gayatri Industries, TS3/193, Mancheswar Industrial Estate, Bhubaneswar-751010, Editor : S N Girish

ସମ୍ପାଦନା ମଣ୍ଡଳୀ : ପ୍ରଣବଜ୍ୟୋତି ନାଥ, ଭାପ୍ରସେ, ନିର୍ଦ୍ଦେଶକ, ଓଡ଼ିଶା ଜୀବିକା ମିଶନ ।
ହେମନ୍ତ କୁମାର ପାଢ଼ୀ, ନିର୍ଦ୍ଦେଶକ, ପଞ୍ଚାୟତିରାଜ । ମାନସ ରଞ୍ଜନ ଦେବତା, ଯୁଗ୍ମ ଶାସନ ସଚିବ ।
ସରୋଜ କୁମାର ଦାଶ, ଉପ ନିର୍ଦ୍ଦେଶକ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ।
ପ୍ରକାଶକ : ଏସ୍ ଏନ୍ ଗିରୀଶ, ନିର୍ଦ୍ଦେଶକ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ, ୟୁନିଟ୍-୮, ଭୁବନେଶ୍ୱର-୭୫୧୦୧୨
ମୁଦ୍ରଣ : ଗାୟତ୍ରୀ ଇଣ୍ଡଷ୍ଟ୍ରିଜ, ଟିଏସ ୩/୧୯୩, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦